
ଧରିତ୍ରୀ
DHARITRI
August 10-16, 2025 ₹ 2/-
ଧରିତ୍ରୀ DHARITRI 51 Years

# ଛୁଟିଦିନ



# ସେବା ପାଇଁ ସମର୍ପିତ

ଲୋକଙ୍କୁ ସୁରକ୍ଷା ଦେବା ସଚ୍ଚୋଟ ପୋଲିସଙ୍କର କର୍ତ୍ତବ୍ୟ । କିନ୍ତୁ ଆଉ କେତେଜଣ ଏମିତି ପୋଲିସ ଅଛନ୍ତି, ଯିଏ ସୁରକ୍ଷା ଦେବା ସହିତ ଗରିବ ପିଲାଙ୍କୁ ମାଗଣା ଶିକ୍ଷାଦାନ, ରକ୍ତଦାନ ସହ ଲୋକଙ୍କ ସେବାକୁ ଜୀବନର ବ୍ରତ କରିଛନ୍ତି...

୩
ପ୍ରଚ୍ଛଦ ପ୍ରସଙ୍ଗ

# କେଉଁ ଜିନିଷ ଘରେ ରଖିବା ଅଶୁଭ

**ଘର ସଜାଇବା କାହାକୁ ବା ଭଲ ନ ଲାଗେ। ସେଥିପାଇଁ କିଏ କେତେ ପ୍ରକାରର ଘରସଜ୍ଜା ସାମଗ୍ରୀରେ ଘର ସଜାଇଥାନ୍ତି ହେଲେ ଏମିତି ବି କିଛି ଜିନିଷ ଅଛି; ଯେଉଁଥିରେ ଘର ସଜାଇବାକୁ ନେଇ ବାସ୍ତୁଶାସ୍ତ୍ରରେ ବାରଣ କରାଯାଇଛି...**



* ବାସ୍ତୁଶାସ୍ତ୍ର ଅନୁଯାୟୀ, ଦର୍ପଣ ହେଉଛି ଏକ ଶକ୍ତିଶାଳୀ ତତ୍ତ୍ୱ ; ଯାହା ସକାରାତ୍ମକ ଉର୍ଜାକୁ ଆକର୍ଷିତ କରିବା ସହ ଧନକୁ ବି ପ୍ରଭାବିତ କରିଥାଏ। ତେଣୁ କାଚରେ ତିଆରି ଘରସଜ୍ଜା ସାମଗ୍ରୀକୁ ଘରେ ରଖିବା ଶୁଭ। କିନ୍ତୁ ଭାଙ୍ଗି ଯାଇଥିବା କାଚ କି ଦର୍ପଣକୁ ମୁହୂର୍ତ୍ତକ ପାଇଁ ବି ଘରେ ରଖିବା ଶୁଭଙ୍କର ନୁହେଁ। ଏହା ସମ୍ପର୍କରେ ତିକ୍ତତା ଆଣିବା ସହ ପ୍ରଗତିରେ ବାଧା ସୃଷ୍ଟି କରେ ବୋଲି ବିଶ୍ୱାସ କରାଯାଏ।

* ଘରେ କୌଣସି ଜଙ୍ଗଲୀ ପ୍ରାଣୀ ଯେମିତି କି ବାଘ, ସିଂହ, ଭାଲୁ, ସାପ, ପେଚା ଆଦିଙ୍କର ଫଟୋ କି ଚିତ୍ର ରଖିବା ବି ଠିକ୍ ନୁହେଁ। ଏହା ପରିବାର ସଦସ୍ୟଙ୍କ ମନରେ ଡର, ଏକଲାପଣର ଭାବନା ସୃଷ୍ଟି କରିଥାଏ।

* ଏହା ବଦଳରେ ସୁନ୍ଦର ପ୍ରାକୃତିକ ଦୃଶ୍ୟ କିମ୍ବା ପକ୍ଷୀମାନଙ୍କର ସୁନ୍ଦର ଫଟୋ ହେଉ କି ଚିତ୍ର ଲଗାଇପାରିବେ।

* କାକଟସ୍ ଭଳି କଣ୍ଟା ଜାତୀୟ ଉଦ୍ଭିଦକୁ ଘରେ ରଖିବା ଆଦୌ ଠିକ୍ ନୁହେଁ। ଏହା ପରିବାରବର୍ଗଙ୍କ ମନରେ ଚିଡ଼ିଚିଡ଼ାପଣ, ଝଗଡ଼ା ଭଳି ନକାରାତ୍ମକତା ସୃଷ୍ଟି କରିଥାଏ। କିନ୍ତୁ ଗୋଲାପ ଗଛ କଣ୍ଟାଜାତୀୟ ହେଲେ ବି ଏହାକୁ ଘରେ ରଖିପାରିବେ।

* କାନ୍ଦୁଥିବା ଶିଶୁ, ସମୁଦ୍ରରେ ଝଡ଼ ସୃଷ୍ଟି ହେଉଥିବାର ଚିତ୍ର, ଯୁଦ୍ଧର ଫଟୋ ଅଥବା ଏକାକୀ ଗୋଟିଏ ପକ୍ଷୀ ବସିଥିବାର ପେଣ୍ଟିଂକୁ ବି ଘରେ ଲଗାଇବା ଠିକ୍ ନୁହେଁ। ଏହା ମନରେ ନକାରାତ୍ମକ ଭାବ ସୃଷ୍ଟି କରିଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ଅଗଷ୍ଟ ୧୦-୧୬, ୨୦୨୫**

**ମେଷ**
ବିଶିଷ୍ଟବ୍ୟକ୍ତି ମାନଙ୍କ ସାନ୍ନିଧ୍ୟଲାଭ, କର୍ମଦକ୍ଷତାର ପ୍ରଶଂସା, ବନ୍ଧୁଙ୍କ ମିଥ୍ୟାଭିଯୋଗ, ସମସ୍ୟା ସମାଧାନର ଆଲୋଚନା, ଲେଖାପଢାରେ ଅଗ୍ରଗତି, ସହକର୍ମୀଙ୍କ ଅସହଯୋଗ, ବ୍ୟବସାୟିକ ଉତ୍କର୍ଷତା ॥

**ବୃଷ**
ଦୂରଦର୍ଶିତାରେ ସଫଳତା, ସମସ୍ୟା ପ୍ରତିହତ ହେବ, ସାମାଜିକ ସମ୍ମାନ ପ୍ରାପ୍ତି, ନୂତନ ଗୃହାରମ୍ଭ, ଯାନବାହନରେ ତ୍ରୁଟି, କର୍ମକ୍ଷେତ୍ରରେ ବିବାଦ, ପ୍ରଶାସନିକ ଆଲୋଚନା, ପରୋକ୍ଷ ଶତ୍ରୁତା, ନିଜ ପରିସରରେ ପ୍ରତିଷ୍ଠା ॥

**ମିଥୁନ**
ଦୃଢ ନିଷ୍ପତି ନେବେ, ନୂତନ ବନ୍ଧୁ ସମ୍ପର୍କ, ପାରିବାରିକ ସହମତି, ଆଶଙ୍କା ଦୂର ହେବ, ସାଂଗଠନିକ ଆଲୋଚନା, ରାଜନୈତିକ ପୃଷ୍ଠପୋଷକତା, ପ୍ରକାଶନରେ ସମସ୍ୟା, ପରୀକ୍ଷାରେ କୃତିତ୍ୱ, ବିଦେଶ ଯାତ୍ରାରେ ସଫଳତା, ନିର୍ମାଣରେ ପ୍ରତିବନ୍ଧକ ॥

**କର୍କଟ**
ପରିସ୍ଥିତି ବଦଳିବ, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା, ଅଣଆନୁଷ୍ଠାନିକ ଆଲୋଚନା,, ଯାନବାହନ ନବୀକରଣ, ଭୁଲ୍ ବୁଝାମଣା ଦୂର ହେବ, ବିବାଦର ଅବସାନ, ସ୍ଥାନାନ୍ତର ସୂଚନା, ଭ୍ରାତୃସମ୍ପର୍କରେ ଅବନତି ॥

**ସିଂହ**
କାର୍ଯ୍ୟସିଦ୍ଧିରୁ ଆନନ୍ଦ, ସହକର୍ମୀଙ୍କ ସହାନୁଭୂତି, ଅନଟନରୁ ଦୁଃଶ୍ଚିନ୍ତା, ବନ୍ଧୁଙ୍କ ପରାମର୍ଶ, ଅନ୍ୟମନସ୍କତାରୁ ଧନହାନୀ, ଆତ୍ମୀୟଙ୍କ ଅନାଦର, ରଚନାତ୍ମକ କାର୍ଯ୍ୟ କରିବେ, ଯୋଗଶିକ୍ଷାରେ ରୁଚି ॥

**କନ୍ୟା**
ପାରିବାରିକ ମତାନ୍ତର, ମାନସିକ ଅସ୍ଥିରତା, ବନ୍ଧୁବର୍ଗଙ୍କ ପରାମର୍ଶ, ଯାନ୍ତ୍ରିକ ଜିନିଷ ମରାମତି, ନୂତନ ବନ୍ଧୁସମ୍ପର୍କ, ଅଭାବବୋଧ ଅନୁଭବ, ଅର୍ଥନୈତିକ କାର୍ଯ୍ୟକ୍ରମ, ନୂତନ ଚୁକ୍ତିପତ୍ର, ଶେୟାର ବଜାରରେ ପୁଞ୍ଜି ଲଗାଇବେ, ରିଏଲ ଇଷ୍ଟେଟ୍ ସମ୍ବନ୍ଧୀୟ ସମସ୍ୟା ॥

**ତୁଳା**
ନୂତନ କର୍ମାରମ୍ଭ, ବନ୍ଧୁଙ୍କ ସାହାଯ୍ୟ, ପାରିବାରିକ ସମର୍ଥନ, କର୍ମକ୍ଷେତ୍ରରେ ବିବାଦ, ସ୍ୱାସ୍ଥ୍ୟଗତ ସମସ୍ୟା, ଉଦ୍ୟୋଗ ପ୍ରତିଷ୍ଠା, ବ୍ୟବସାୟିକ ଉତ୍କର୍ଷତା, ଯାନ୍ତ୍ରିକ ଜିନିଷ କ୍ରୟ, ଫାଇଲ୍ କାମ ବୃଦ୍ଧି, ଆନୁଷ୍ଠାନିକ କାମ, ସଭାସମିତିକୁ ଆହ୍ୱାନ ॥

**ବିଛା**
କର୍ମକ୍ଷେତ୍ରରେ ବିତର୍କ, ଭୁଲ୍ ନିଷ୍ପତି ନେଇପାରନ୍ତି, ସମାଲୋଚିତ ହେବେ, ମକଦ୍ଦମାରେ ବିଜୟ, ଜମିଜମା କ୍ରୟବିକ୍ରୟ, ସାହିତ୍ୟକୃତିରୁ ପ୍ରଶଂସା, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା, ଶାସ୍ତ୍ରୀୟ ସଙ୍ଗୀତରେ ରୁଚି, ଫଳପ୍ରଦ ଆଲୋଚନା ॥

**ଧନୁ**
ଅର୍ଥନୈତିକ ଅଭିବୃଦ୍ଧି, ନୂତନ ମୈତ୍ରୀ, କୌଶଳରେ କାର୍ଯ୍ୟସାଧନ, ସ୍ୱାର୍ଥପର ବନ୍ଧୁ କଷ୍ଟ ଦେବେ, ପକ୍ଷପାତିତା ମନୋଭାବ, ପାରିବାରିକ ମତାନ୍ତର, ପ୍ରତିକୂଳ ବାତାବରଣ, ଉନ୍ନୟନ କାମ ବାଧାପ୍ରାପ୍ତ, ଶିଳ୍ପବାଣିଜ୍ୟରେ ଉନ୍ନତି ॥

**ମକର**
ମାନସିକ ଅସ୍ଥିରତା, ସାଂଗଠନିକ ସଭା, ରୁଦ୍ଧଦ୍ୱାର ବୈଠକ, ଗଠନମୂଳକ ପ୍ରେରଣା, ସହକର୍ମୀଙ୍କ ସୌହାର୍ଦ୍ଦ୍ୟତା, ପରିବହନରେ ସମସ୍ୟା, ଆଧାତ୍ମିକତାରେ ଉନ୍ନତି, ନିର୍ମାଣରେ ଅଗ୍ରଗତି, ଜମିଜମା କାରବାର, ପ୍ରତିବନ୍ଧକ ଦୂରହେବ ॥

**କୁମ୍ଭ**
କାର୍ଯ୍ୟହାନୀରୁ ମନସ୍ତାପ, ଅର୍ଥ ସମ୍ପର୍କୀୟ ସମସ୍ୟା, ପିଲାଙ୍କ ସ୍ୱାସ୍ଥ୍ୟହାନୀ, ଅଫିସିଆଲି କାମର ଚାପ, ନିର୍ମାଣରେ ସମସ୍ୟା, ମନଭାରାକ୍ରାନ୍ତ ରହିବ, ପ୍ରଶାସନିକ ସଫଳତା, ରାଜନୈତିକ ବିତର୍କ, ସାଂସ୍କୃତିକ କାର୍ଯ୍ୟକ୍ରମରୁ ସମ୍ମାନ, ସାମୟିକ ପଥରୋଧ ॥

**ମୀନ**
କର୍ମକ୍ଷେତ୍ରରେ ପାରଦର୍ଶିତା, ସମାଜରେ ଆଦରଣୀୟ, ସଭାସମିତିକୁ ଆହ୍ୱାନ, ସାମ୍ବାଦିକତାରୁ ଗୌରବ, ଆଇନ ସହାୟତା ପ୍ରାପ୍ତି, ଦୂରଯାତ୍ରାର ସୁଯୋଗ, ତୀର୍ଥଯାତ୍ରାର ସୁଯୋଗ, ଅର୍ଥସଂକଟର ସମାଧାନ ॥

# ପାଣି ପିଅନ୍ତୁ ସୁସ୍ଥ ରୁହନ୍ତୁ



**ମ**ଣିଷ ବଞ୍ଚି ରହିବା ପାଇଁ ପାଣିର ଆବଶ୍ୟକତା ତ ନିଶ୍ଚୟ ରହିଛି। ତେବେ ସୁସ୍ଥ ଜୀବନ ଜିଇବା ସକାଶେ ପାଣିକୁ କେତେବେଳେ କେମିତି ପିଇବା ଆବଶ୍ୟକ ସେ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ବିଭିନ୍ନ ଉପଦେଶ ଦେଇଥାନ୍ତି। ଯେମିତି କି: ସକାଳୁ ଖାଲିପେଟରେ ୨ଗ୍ଲାସ୍ ନଖ ଉଷୁମ ପାଣି ପିଇବା ଦ୍ୱାରା କୋଷ୍ଠ କାଠିନ୍ୟ ସମସ୍ୟାରୁ ମୁକ୍ତି ମିଳିବା ସହ ଦିନସାରା ବେଶ୍ ଫୁର୍ତ୍ତି ଅନୁଭବ ହୋଇଥାଏ। ସେହିପରି ପ୍ରତ୍ୟହ ୮-୧୨ ଗ୍ଲାସ୍ ପାଣି ପିଇଲେ ଶରୀର ହାଇଡ୍ରେଟ୍ ରହିଥାଏ। ଖାଇବା ମଝିରେ ପାଣି ନ ପିଇ ଖାଇବାର ଅଧ ଘଣ୍ଟା ପୂର୍ବରୁ ହେଉ କି ପରେ ପାଣି ପିଇବା ସ୍ୱାସ୍ଥ୍ୟପ୍ରଦ ହୋଇଥାଏ। ରାତିରେ ଶୋଇବା ପୂର୍ବରୁ ଦାନ୍ତ ଘଷି ଗୋଟେ ଗ୍ଲାସ୍ ପାଣି ପିଇ ଶୋଇଲେ ଖାଦ୍ୟ ଭଲ ଭାବେ ହଜମ ହୋଇଯାଏ। ସେହିପରି ଔଷଧ ଖାଇବା ସମୟରେ ଥଣ୍ଡା ପାଣି ବଦଳରେ ହାଲ୍‌କା ଉଷୁମ ପାଣି ପିଇଲେ ଶରୀରକୁ ଅନେକ ଉପକାର ମିଳିଥାଏ। ଅନ୍ୟପକ୍ଷେ ଠିଆ ହୋଇ ଏକାଥରକେ ଢକ୍‌ଢକ୍ କରି ପାଣି ପିଇବା ପରିବର୍ତ୍ତେ ବସିକି ଧୀରେ ଧୀରେ ପାଣି ପିଇଲେ ଆଣ୍ଠୁଗଣ୍ଠି ଦରଜ ସମସ୍ୟାରୁ କେତେକାଂଶରେ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ କରାଯାଏ।

# ପାଠକୀୟ

* ନିଜ ସନ୍ତାନକୁ ହରାଇ ପ୍ରତି ମୁହୂର୍ତ୍ତରେ ମରି ମରି ଜିଉଥିଲେ ବି ଏହି ମା'ବାପାମାନେ ଅନ୍ୟର କୋଳ ଯେମିତି ଖାଲି ନ ହେଉ ସେଥିପାଇଁ ପ୍ରତିଶ୍ରୁତିବଦ୍ଧ ହେଲେ। ଯେଉଁ କାରଣରୁ ସେମାନେ ସନ୍ତାନହରା ହୋଇଥିଲେ ତା'ର ସମାଧାନ କରିବାକୁ ନେଲେ ସଂକଳ୍ପ। ତେଣୁ ଏଭଳି ଏକ ହୃଦୟଛୁଆଁ ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ପ୍ରଚ୍ଛଦ ପ୍ରସଙ୍ଗ 'ପିଲାଙ୍କ ସ୍ମୃତିରେ' ଶୀର୍ଷକ ଆଲେଖ୍ୟଟି ସତରେ ବେଶ୍ ସୁନ୍ଦର ଥିଲା।

*– ରିତିକା ଦାଶ, ଭୁବନେଶ୍ୱର*

* ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗରେ ସ୍ଥାନିତ 'ପିଲାଙ୍କ ସ୍ମୃତିରେ' ଶୀର୍ଷକ ଆଲେଖ୍ୟଟି ଏକ ନିଆରା ତଥା ମନଛୁଆଁ ବିଷୟ ଥିଲା। 'ଘରର ସୁଖ ସମୃଦ୍ଧି ପାଇଁ', 'ବେଲପତ୍ରର ମାହାତ୍ମ୍ୟ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ବିନ୍ଦି' ଫ୍ୟାଶନ ସମ୍ପର୍କରେ ନୂଆ ନୂଆ କଥା ଜାଣିବାକୁ ମିଳିଲା।

*– କିରଣବାଳା ଷଡ଼ଙ୍ଗୀ, ବଲାଙ୍ଗୀର*

* ବ୍ୟକ୍ତିତ୍ୱ ପୃଷ୍ଠାରୁ ଶିଶୁ ସାହିତ୍ୟିକ, ପ୍ରାବନ୍ଧିକ, ଅନୁବାଦକ ଡ. ରାଜକିଶୋର ପାଢ଼ୀଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ସୋଲୋ ଡେଟ୍' ଶୀର୍ଷକ ଗପଟି ବି ହୃଦୟସ୍ପର୍ଶୀ ଥିଲା। ବାଉଁଶ ଶିଳ୍ପୀ ଶ୍ରୀକାନ୍ତ କୁମାର ଜେନାଙ୍କ କଳାକୃତିର କାହାଣୀ ବେଶ୍ ପ୍ରେରଣାଦାୟୀ ହୋଇଥିଲା।

*– ମନୋଜ ଛାଟୋଇ, କାକଟପୁର*

* ସିନେମା ପୃଷ୍ଠାରେ ସ୍ଥାନିତ 'ଛିରେ ନନୀ', 'ଭାଗ୍ୟବତୀ ଅନୀତ', 'ଟେନ୍‌ସନରେ ଜାକ୍‌ଲିନ୍' ଆଦି ପାଠର ଉପସ୍ଥାପନା ଶୈଳୀ ବେଶ୍ ସୁନ୍ଦର ହୋଇଥିଲା। ଚକ୍ଷୁରୋଗ ବିଶେଷଜ୍ଞ ଓ ଲେଖିକା ଡ. ଦିଶା ସାହୁଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବି ଖୁବ୍ ମନଛୁଆଁ ଥିଲା। ସାଥୀର ଉତ୍ତର ରୋମାଣ୍ଟିକ୍‌ଭରା ଲାଗୁଥିଲା।

*– ସ୍ୱପ୍ନାଶ୍ରୀ ବିଶ୍ୱାଳ, ରାଉରକେଲା*

* ଐତିହାସିକ ସ୍ଥଳ ରଣପୁର ରାଜବାଟୀ ସମ୍ପର୍କରେ ବହୁ ଅଜଣା କଥା ଛୁଟିଦିନରୁ ଜାଣିହେଲା। ସହର ପୃଷ୍ଠାରୁ 'ସୱାଇ ମାଧୋପୁର' ବିଷୟରେ ଅନେକ ନୂଆ ନୂଆ କଥା ଜାଣିବାକୁ ମିଳିଲା। 'କେଚପ୍ ଦିନେ କେମିତି ଔଷଧ ଭାବେ ବିକ୍ରି ହେଉଥିଲା' ତାହା ବିବିଧା ପୃଷ୍ଠାରୁ ପଢ଼ି ଖୁସି ଲାଗିଲା।

*– ଦିଲ୍ଲୀପ ଦାସ, ଯାଜପୁର*

* ବ୍ୟଙ୍ଗ ପୃଷ୍ଠାରୁ 'ଦେବତା, ଭଗବାନ ଓ ଈଶ୍ୱରଙ୍କ' ସମ୍ପର୍କରେ କିଛିଟା ଭିନ୍ନ ଓ ରୋଚକ କଥା ଜାଣିହେଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ପ୍ଲାଷ୍ଟିକ ବୋତଲରେ ଦୀପ', 'ଫ୍ରାଏଡ୍ ଏଗ୍ ଜେଲିଫିଶ୍', 'ଭଡ଼ାରେ ଜେଜେ ମା' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ମଜାଦାର ଥିଲା।

*–ଚିତ୍ତରଞ୍ଜନ ପଟ୍ଟନାୟକ, ଖୋର୍ଦ୍ଧା*

## ବିଶେଷ ଚିଠି




ଏଥରର ପ୍ରଚ୍ଛଦରେ ଥିଲା
ପିଲାଙ୍କ ସ୍ମୃତିରେ,
ଲାଗୁଥିଲା ନିଆରା ଯେମିତି
ଦେଉଥିଲା ବାର୍ତ୍ତା ବି ସେମିତି।
ତା' ସାଙ୍ଗକୁ ଭାରି ମନଛୁଆଁ ଥିଲା
ତୁମ ସାଥୀର ଉତ୍ତର,
ମନ କିଣି ନେଉଥିଲା ପୁଣି
ତୁମ ବିବିଧାର ଖବର।
ସତରେ ହେ ପ୍ରିୟ ଛୁଟିଦିନ
ତୁମ ସବୁ ପୃଷ୍ଠା ଲାଗେ
ଭାରି ସୁନ୍ଦର ଓ ନୂତନ।

*– ପ୍ରଭାତି ସାହୁ, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ସେବା ପାଇଁ ସମର୍ପିତ

ଲୋକଙ୍କୁ ସୁରକ୍ଷା ଦେବା ସଚ୍ଚୋଟ ପୋଲିସଙ୍କର କର୍ତ୍ତବ୍ୟ। କିନ୍ତୁ ଆଉ କେତେଜଣ ଏମିତି ପୋଲିସ ଅଛନ୍ତି, ଯିଏ ସୁରକ୍ଷା ଦେବା ସହିତ ଗରିବ ପିଲାଙ୍କୁ ମାଗଣା ଶିକ୍ଷାଦାନ, ରକ୍ତଦାନ ସହ ଲୋକଙ୍କ ସେବାକୁ ଜୀବନର ବ୍ରତ କରିଛନ୍ତି...

**ସୀ**ମାରେ ରହି ଶତ୍ରୁଙ୍କ କବଳରୁ ନିଜ ଦେଶକୁ ରକ୍ଷା କରିବା ଯେମିତି ଦେଶ ସେବା। ଠିକ୍ ସେମିତି ବିଭିନ୍ନ ସୁବିଧାରୁ ବଞ୍ଚିତ ଗରିବ, ଅସହାୟ ପିଲାମାନଙ୍କୁ ମାଗଣା ଶିକ୍ଷାଦାନ ଦେବା, ସମାଜରେ ନିଜର ପରିଚୟ ସୃଷ୍ଟି କରିବାକୁ ସେମାନଙ୍କୁ ସହଯୋଗ କରିବା, ଆଦୌ ଛୁଟି ନ ନେଇ ଅବିରତ ଭାବେ ଅନ୍ୟର ସୁବିଧା ପାଇଁ ଚାକିରି କରିବା, ଜୀବନମରଣ ସହ ସଂଘର୍ଷ କରୁଥିବା ଅସହାୟ ଲୋକଙ୍କୁ ରକ୍ତଦାନ କରିବା ବି ହେଉଛି ଏକପ୍ରକାର ଦେଶସେବା। ଯେଉଁ ସେବା କରି କେତେଜଣ ପୋଲିସ କର୍ମଚାରୀ ଏବେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ; ସେମାନଙ୍କ ସମ୍ପର୍କରେ...

**କର୍ମ ପୋଲିସ ଚାକିରି, ଧର୍ମ ମାଗଣା ଶିକ୍ଷାଦାନ:** ଉତ୍ତରପ୍ରଦେଶ ସହାରନପୁର ଜିଲା ଅନ୍ତର୍ଗତ କୁରଲକି ଖୁର୍ଦ ଗାଁର ବାସିନ୍ଦା ହେଲେ **ବିକାଶ କୁମାର**। ପେସାରେ ଜଣେ ପୋଲିସ କର୍ମଚାରୀ। ୨୦୧୬ରେ ୟୁପି ପୋଲିସ କନ୍‌ଷ୍ଟେବଲ ଭାବେ ସେ ନିଯୁକ୍ତି ପାଇଥିଲେ। ପୋଲିସ ଚାକିରି ସାଙ୍ଗକୁ ମାଗଣାରେ ପିଲାମାନଙ୍କୁ ପାଠ ପଢାଇବା ତାଙ୍କର ଏକ ନିତିଦିନିଆ କାମ। ଏହି କାମ ସେ ୧୮ ବର୍ଷ ବୟସରୁ କରିଆସୁଛନ୍ତି। କାରଣ ବିକାଶ ଜଣେ ଗରିବ ପରିବାରର ପିଲା। ତାଙ୍କ ବାପା ଜଣେ କୃଷକ। ଦୁର୍ବଳ ଆର୍ଥିକ ପରିସ୍ଥିତି ଯୋଗୁ ବିକାଶଙ୍କୁ ତାଙ୍କ ପରିବାର ଲୋକେ ବେଶି ପଢାଇ ପାରି ନ ଥିଲେ। ସେଥିପାଇଁ ବିକାଶ ପଣ କରିଥିଲେ ଯେ, ମାଗଣାରେ ପିଲାମାନଙ୍କୁ ଶିକ୍ଷାଦାନ ଦେବେ। ଯଦ୍ବାରା ତାଙ୍କ ଆଖପାଖ ଅଞ୍ଚଳର କୌଣସି ଗରିବ ପିଲା ଟଙ୍କା ପଇସା ଅଭାବରୁ ଯେମିତି ପାଠପଢାରୁ ବଞ୍ଚିତ ନ ହେବେ। ସେମାନଙ୍କୁ ପଢାଇବା ସହିତ ବିକାଶ ନିଜେ ବି ଚାକିରି ପାଇଁ ପ୍ରସ୍ତୁତ ହେଉଥିଲେ। ଶେଷରେ ସେ ପୋଲିସ କନ୍‌ଷ୍ଟେବଲ ଚାକିରି ପାଇବାରେ ସଫଳ ହେଲେ। ଚାକିରି କରିବା ପରେ ବି ପିଲାଙ୍କୁ ପଢାଇବା ବନ୍ଦ କରି ନଥିଲେ। ପ୍ରତିଦିନ ଯେତିକି ସମୟ ଡ୍ୟୁଟି କରିବା କଥା ତାକୁ ସୁଚାରୁ ରୂପେ କରୁଥିଲେ। ଡ୍ୟୁଟିରୁ ଆସିବା ପରେ ଘରେ ଆଉ ବିଶ୍ରାମ ନ ନେଇ ସିଧା ବାହାରି ଯାଉଥିଲେ ପିଲାଙ୍କୁ ପଢାଇବାକୁ। ପ୍ରତି ଗାଁରେ ତାଙ୍କର ଏକ ନିର୍ଦ୍ଦିଷ୍ଟ ପାଠଶାଳା ରହୁଥିଲା। ସେଠାକୁ ବିଭିନ୍ନ ବର୍ଗର ଓ ବିଭିନ୍ନ ଶ୍ରେଣୀର ପିଲା ଆସୁଥିଲେ। କିଏ ଘରେ ଅସୁବିଧା ଯୋଗୁ ବିଦ୍ୟାଳୟକୁ ଯାଉ ନ ଥିଲେ ତ କିଏ ସ୍କୁଲ୍‌କୁ ଯାଉଥିଲେ ବି ପାଠ ଠିକ୍‌ରେ ବୁଝି ପାରୁ ନଥିଲେ, ଅଥବା ହାଇସ୍କୁଲ ନ ଥିବା ଯୋଗୁ ପାଠ ଅଧାରୁ ଛାଡି ଦେଉଥିଲେ। ସେଥିପାଇଁ ବିକାଶଙ୍କର ଏହି ପାଠଶାଳାରେ ନର୍ସରୀରୁ ଦଶମ ପର୍ଯ୍ୟନ୍ତ ପିଲାଙ୍କୁ ମାଗଣାରେ ଶିକ୍ଷାଦାନ ଦିଆଯାଉଥିଲା। ବିକାଶଙ୍କୁ ଦେଖି ଆଖପାଖ ଗାଁର ଆଉ କିଛି ଶିକ୍ଷିତ ବ୍ୟକ୍ତି ଏପରିକି ବିକାଶଙ୍କ ଡିପାର୍ଟମେଣ୍ଟର କିଛି କର୍ମଚାରୀ ବି ପିଲାଙ୍କୁ ପଢାଇବାକୁ କ୍ରମେ ଆଗେଇ ଆସିଲେ। ଯାହାର ଫଳସ୍ୱରୂପ ବିକାଶଙ୍କ ଉଦ୍ୟମରେ ଏବେ ସହାରନପୁର ଓ ଏହାର ଆଖପାଖ ଗାଁରେ ପ୍ରାୟ ୨୫ରୁ ୩୦ଟି ପାଠଶାଳା ଖୋଲା ଯାଇ ସେଠାରେ ଗରିବ, ଅସହାୟ ପିଲାମାନଙ୍କୁ ମାଗଣାରେ ଉନ୍ନତମାନର ଶିକ୍ଷା ପ୍ରଦାନ କରାଯାଇପାରୁଛି। ବିକାଶଙ୍କଠାରୁ ଶିକ୍ଷାଲାଭ କରି କିଛି ପିଲା ଯା'ଭିତରେ ପୋଲିସ ତଥା ଅନ୍ୟାନ୍ୟ ବିଭାଗରେ ଚାକିରି ବି ପାଇଗଲେଣି। ଆଉ ବିକାଶଙ୍କର ଏଭଳି ମହତ୍ କାମ ପାଇଁ ତାଙ୍କୁ ମୁରାଦାବାଦ ଡିଆଇଜି ପ୍ରଶଂସା କରିବା ସହ ସମ୍ମାନିତ ମଧ୍ୟ କରିଛନ୍ତି। ସତରେ ବିକାଶ ଆଜିର ଯୁବପିଢିଙ୍କ ପାଇଁ ଏକ ପ୍ରେରଣା।

**ନିଜେ ପଢ଼ିବାକୁ ବହିଖଣ୍ଡେ ପାଉ ନ ଥିଲେ, କିନ୍ତୁ ଏବେ ବର୍ଷକୁ ୩୦ଜଣ ପିଲାଙ୍କର ପଢ଼ାଖର୍ଚ୍ଚ ତୁଲାଉଛନ୍ତି:** ହରିୟାଣା ସୋନିପତର ସେକ୍ଟର ୨୩ରେ ସପରିବାରେ ରୁହନ୍ତି **ଅମିତ୍ ଲାଠିୟା**। ସେ ଜଣେ ପୋଲିସ କନ୍‌ଷ୍ଟେବଲ। ପିଲାଟି ଦିନରୁ ବହୁ ଦୁଃଖକଷ୍ଟ ସହି ନିଜ ଗୋଡ଼ରେ ନିଜେ ଠିଆ ହେବାକୁ ସେ ଚେଷ୍ଟା କରି ଆସିଛନ୍ତି। ତାଙ୍କ ବାପା ଜଣେ କୃଷକ। ବାପାଙ୍କ ବୋଝକୁ ହାଲୁକା କରିବାକୁ ତାଙ୍କ ବଡ଼ ଭାଇ କବାଡ଼ିଆ କାମ ବି କରୁଥିଲେ। ଅମିତ୍ ଭଲ ପଢିବା ସହିତ କ୍ରୀଡ଼ାରେ ବି ବେଶ୍ ପାରିବାର ଥିଲେ। ହେଲେ ଦୁର୍ଭାଗ୍ୟ ହଠାତ୍ ତାଙ୍କ ବାପାଙ୍କର ହୃଦ୍‌ଘାତ ହେବା ଯୋଗୁ ଅମିତ୍‌ଙ୍କୁ ପାଠ ଓ ଖେଳ ଛାଡ଼ିବାକୁ ପଡିଲା। ପୋଲିସ ଚାକିରିରେ ମନ ଥିବାରୁ ସେ ଘରେ ରହି ପ୍ରସ୍ତୁତ ହେଲେ। କୋଚିଂ ସେଣ୍ଟର ଯିବାକୁ ଇଚ୍ଛା ଥିଲେ ବି କୋର୍ସ ଫିସ୍ ୩୦୦୦ ଟଙ୍କା ଥିବାରୁ ସେ ଯାଇପାରୁ ନ ଥିଲେ। ନିଜ ପଢା ଖର୍ଚ୍ଚ ତୁଲାଇବା ପାଇଁ ଶେଷରେ ସେ ଏକ ଚା' ଦୋକାନରେ କାମ କଲେ। ତିନି ମାସ କଠିନ ପରିଶ୍ରମ କରି କୋଚିଂ ସେଣ୍ଟର ଫି' ପାଇଁ ଟଙ୍କା ଯୋଗାଡ଼ କରିନେଲେ। କିନ୍ତୁ ଯେତେବେଳେ ସେ ଟଙ୍କା ନେଇ କୋଚିଂ ସେଣ୍ଟର ସାର୍‌ଙ୍କୁ ଦେଲେ ଆଉ ନିଜ ଦୁଃଖ କଥା କହିଲେ, ହୃଦୟବାନ ସାର୍ ଜଣଙ୍କ ପଇସା ଫେରାଇ ଦେଇ ବିନା ଫି'ରେ ତାଙ୍କୁ ପଢେଇବେ ବୋଲି ପ୍ରତିଶ୍ରୁତି ଦେଲେ। ଖୁବ୍ ମନ ଲଗାଇ ପାଠ ପଢି ଶେଷରେ ୨୦୧୦ରେ ଅମିତ୍ ଦିଲ୍ଲୀ ପୋଲିସ କନ୍‌ଷ୍ଟେବଲ ଭାବେ ନିଯୁକ୍ତି ପାଇଲେ। ଡ୍ୟୁଟି କରିବା ସମୟରେ ସେ ବିଭିନ୍ନ ଲୋକଙ୍କ ସଂସ୍ପର୍ଶରେ ଆସୁଥିଲେ। କେଉଁଠି ମା'ବାପା ଛେଉଣ୍ଡ ପିଲାଟିଏ ନିଜ ପଢାଖର୍ଚ୍ଚ ଉଠାଇବା ପାଇଁ ରିକ୍ସା ଚଲାଉଥିବାର ଦେଖୁଥିଲେ ତ ଆଉ କେଉଁଠି ପିଲାଟିଏ ପାଠପଢିବାକୁ ପେଣ୍ଟର୍ କାମ ଅବା ୱେଟର୍ କାମ କରୁଥିବାର ଦେଖୁଥିଲେ। ଏସବୁ ଘଟଣା ତାଙ୍କୁ ତାଙ୍କ ଅତୀତ କଥା ମନେ ପକାଇ ଦେଉଥିଲା। ବାସ୍ ତା'ପରେ ସେ ପଣ କଲେ ଯେ, ନିଜ ଦରମାରୁ ଅଳ୍ପ କିଛି ଘର ଖର୍ଚ୍ଚ ପାଇଁ ରଖି ବାକି ଟଙ୍କାତକ ଏଭଳି ଗରିବ ମେଧାବୀ ପିଲାମାନଙ୍କ ଭବିଷ୍ୟତ ଗଢିବାରେ ଲଗାଇଦେବେ। ୨୦୧୨ ମସିହାରେ ଏହିଭଳି ୧୦ ଜଣ ଗରିବ ଅସହାୟ ଛାତ୍ରଙ୍କୁ ନେଇ ସେ ତାଙ୍କର ପ୍ରଥମ ବ୍ୟାଚ୍‌ର କ୍ଲାସ୍ ଆରମ୍ଭ କଲେ। ମାଗଣାରେ ସେମାନଙ୍କୁ ପଢାଇବା ସହ ବହି, ଖାତା, ପେନ୍, ରେଫରେନ୍ସ ବୁକ୍ ଏପରିକି ଦୁଇଓଳି ଦୁଇ ମୁଠା ପେଟପୂରା ଖାଇବାକୁ ମଧ୍ୟ ଦେଲେ। ଯଦ୍ବାରା ପିଲାମାନେ ଖୁସିରେ ଖୁବ୍ ମନ ଲଗାଇ ପାଠ ପଢିଲେ। ସମୟକ୍ରମେ ସେମାନଙ୍କ ମଧ୍ୟରୁ କିଛି ପିଲା ସରକାରୀ ଚାକିରି ଓ କିଛି ପିଲା ବିଭିନ୍ନ କମ୍ପାନୀ ଚାକିରି ପାଇଯିବାରୁ ଅମିତ୍‌ଙ୍କର ନିଜ ଉପରେ ଓ ନିଜ ପଢା ଉପରେ ଭରସା ଆସିଗଲା। ତା'ପରଠାରୁ ସେ ପ୍ରତିବର୍ଷ ୩୦ଜଣ ଅସହାୟ ମେଧାବୀ ପିଲାଙ୍କୁ ମାଗଣାରେ ପାଠପଢାଇ, ଉପଯୁକ୍ତ ଟ୍ରେନିଂ ଦେଇ ସେମାନଙ୍କୁ ବିଭିନ୍ନ ସେକ୍ଟରରେ ନିୟୋଜିତ କରାଇବାକୁ ଯୋଜନା କଲେ। ସେଥିପାଇଁ ସେ ଘର ବି ଭଡ଼ାରେ ନେଲେ ଆଉ ସେଠାରେ ପିଲାମାନଙ୍କ ବସିବା ପାଇଁ ଚେୟାର୍, ଟେବୁଲ୍ ଆଦିର ବ୍ୟବସ୍ଥା କରାଇଦେଲେ। କ୍ରମେ ଅମିତ୍‌ଙ୍କର ଏଭଳି ମହତ୍ କାମକୁ ଆଖାପାଖର ଲୋକେ ପ୍ରଶଂସା କରିବାକୁ ଲାଗିଲେ। ଏପରିକି ଅମିତ୍‌ଙ୍କର ଯେତେବେଳେ ବାହାଘର ଠିକ୍ ହେଲା, ସେ ତାଙ୍କ ଶ୍ୱଶୁର ଘର ଲୋକ ଏବଂ ନିଜ ଭାବୀ ପତ୍ନୀ ମଞ୍ଜୁଙ୍କୁ ବି ତାଙ୍କର ଏଭଳି କାର୍ଯ୍ୟ ସମ୍ପର୍କରେ ସ୍ପଷ୍ଟ ଜଣାଇ ଦେଇଥିଲେ। ସେମାନେ ମଧ୍ୟ ତାଙ୍କୁ ପୂର୍ଣ୍ଣ ସହଯୋଗ କଲେ। ମଞ୍ଜୁ ସ୍ଥାନୀୟ ଏକ ସରକାରୀ କଲେଜରେ ଗଣିତ ପ୍ରାଧ୍ୟାପିକା ଭାବେ କାର୍ଯ୍ୟ କରିବା ସହିତ ସମୟ ମିଳିଲେ ଅମିତ୍‌ଙ୍କର ଏହି ପିଲାମାନଙ୍କୁ ବି ପଢାଇଥାନ୍ତି। କେବଳ ଅମିତ୍ କି ମଞ୍ଜୁ ନୁହନ୍ତି, ଅମିତ୍‌ଙ୍କ ସହାୟତାରେ ବିଭିନ୍ନ କ୍ଷେତ୍ରରେ ଚାକିରି ପାଇଥିବା କିଛି ପିଲା ବି ଏବେ ନିଜ ତରଫରୁ ଆସି ମାଗଣାରେ ଅମିତ୍‌ଙ୍କ ଏହି କୋଚିଂ ସେଣ୍ଟରରେ ପିଲାମାନଙ୍କୁ ଖୁସିରେ ପଢାଉଛନ୍ତି। ସୂଚନା ରହିଛି ଯେ, ଯା'ଭିତରେ ଅମିତ୍‌ଙ୍କ ସହାୟତା କ୍ରମେ ପ୍ରାୟ ୩୫୦ରୁ ଊର୍ଦ୍ଧ୍ୱ ଗରିବ, ଅସହାୟ ମେଧାବୀ ପିଲା ବିଭିନ୍ନ କ୍ଷେତ୍ରରେ କାମ କରି ନିଜ

→





ବିକାଶ କୁମାର



ବଲଜିତ୍ ସିଂ ରାଣା


ଅମିତ୍ ଲାଠିଆ

ଗୋଡ଼ରେ ନିଜେ ଠିଆ ହୋଇସାରିଲେଣି। ତନ୍ମଧ୍ୟରୁ ପାଖାପାଖି ୧୮୦ ଜଣ ପିଲା ତ ବିଭିନ୍ନ ସରକାରୀ ଚାକିରିରେ ନିୟୋଜିତ ବି ହୋଇସାରିଲେଣି। ଏଭଳି ମହତ୍ କାର୍ଯ୍ୟ ପାଇଁ ଅମିତ୍‌ଙ୍କୁ ତାଙ୍କ ଡିପାର୍ଟମେଣ୍ଟ ଓ ଅନ୍ୟାନ୍ୟ ଅନୁଷ୍ଠାନ ତରଫରୁ ବହୁ ପୁରସ୍କାର, ସମ୍ମାନ ବି ମିଳିସାରିଲାଣି। ପୋଲିସ କନ୍‌ଷ୍ଟେବଲ ଅମିତ୍‌ଙ୍କର ଏଭଳି ନିଃସ୍ୱାର୍ଥପର କାର୍ଯ୍ୟ ସତରେ ଏକ ନିଆରା ଦେଶସେବା ନୁହେଁ କି!

**୨୦ ବର୍ଷ ବିନା ଛୁଟିରେ କାମ କରିଥିବା ପୋଲିସ୍ ଅଧିକାରୀ:** ହରିୟାଣା କୁଣ୍ଡଲୀ ଗାଁର **ବଲଜିତ୍ ସିଂ ରାଣା**। ପୋଲିସ୍ ବିଭାଗରେ ଚାକିରି ପାଇଥିଲେ। ଚାକିରିରେ ଜଏନ୍ କରିବାକୁ ଯିବା ସମୟରେ ତାଙ୍କୁ ତାଙ୍କ ବାପା ଗୋଟେ କଥା କହିଥିଲେ, 'ତୁ ଯେଉଁଥିରେ କାମ କରିବାକୁ ଯାଉଛୁ, ତାହା ଏକ ପ୍ରେଷ୍ଟିଜିୟସ୍ ଜବ୍। ସେଠି ଏମିତି କିଛି କାମ କରିବୁନି, ଯଦ୍ୱାରା ତୋ ବର୍ଦ୍ଦିରେ କୌଣସି ଦାଗ ଲାଗିବ।' ବାସ୍ ବାପାଙ୍କର ଏହି କଥା ପଦକ ବଲଜିତ୍‌ଙ୍କ ମନ ମସ୍ତିଷ୍କରେ ଏଭଳି ଭାବେ ପଶି ଯାଇଥିଲା ଯେ, ସେ ସାରା ଜୀବନ ଖୁବ୍ ନିଷ୍ଠାର ସହ ଡ୍ୟୁଟି କରିବାକୁ ପଣ କରିଥିଲେ। ଏପରିକି ନିଜ କର୍ତ୍ତବ୍ୟରେ ଯେମିତି ସାମାନ୍ୟତମ ଅବହେଳା ନ ହୁଏ, ସେଥିପାଇଁ ସେ ଦୀର୍ଘ ୨୦ ବର୍ଷ ଧରି ଆଦୌ ମେଡିକାଲ୍ ଲିଭ୍ କି କାଜୁଆଲ୍ ଲିଭ୍ ନେଇ ନଥିଲେ। ତାଙ୍କ ଝିଅ ବାହାଘର ଦିନ ମଧ୍ୟ ସେ ଦିନଯାକ ଡ୍ୟୁଟି କରି ସନ୍ଧ୍ୟାରେ ବାହାଘରରେ ଯୋଗ ଦେଇଥିଲେ। ୨୦୧୨ରେ ସବ୍ ଇନ୍ସପେକ୍ଟର ଭାବେ ଚାକିରିରୁ ଅବସର ନେବା ପରେ ବି ସେ ନିଜକୁ ରିଟାୟାର୍ଡ ପର୍ସନ ଭାବି ନଥିଲେ। ବିନା ବେତନରେ ସେ ପୁଣି ନିଜ ଡିପାର୍ଟମେଣ୍ଟ ପାଇଁ କାମ କରିବା ଆରମ୍ଭ କରିଦେଲେ। ଏନେଇ ବଲଜିତ୍‌ଙ୍କ ମତ ହେଲା, 'ମୁଁ ବହୁତଥର ଦେଖିଛି କିଛି ବିଶେଷ ଅସୁବିଧା ନଥାଇ ବି ମୋ ସହକର୍ମୀମାନେ କାମରୁ ଛୁଟି ନେଇଯାନ୍ତି। ମୋତେ କିନ୍ତୁ ସେମିତି କରିବା ପସନ୍ଦ ନଥିଲା। ଯଦି ବିନା ଛୁଟିରେ ବି ଘର ଓ ଅଫିସ୍ କାମ ଠିକ୍‌ରେ ବୁଝି ହେଉଛି, ତା'ହେଲେ ଛୁଟି ନେବାର ଆବଶ୍ୟକତା ନାହିଁ ବୋଲି ମୁଁ ଭାବେ। ମୋର ଏଭଳି ଚିନ୍ତାଧାରାକୁ ମୋ ପରିବାର ଲୋକେ ବି ସମ୍ମାନ ଦେଇଥାନ୍ତି। ସେମାନଙ୍କ ସହଯୋଗ ଯୋଗୁ ସବୁକାମ ଠିକ୍‌ଠାକ୍ ହୋଇଯାଏ। ସେଥିପାଇଁ ଛୁଟିର ଆବଶ୍ୟକତା ମୋ ପାଇଁ ପଡେନି। ଅବସର ପରେ ଖାଲିରେ ଘରେ ବସି ରହିବାକୁ ବି ଭଲ ଲାଗେନି। ବରଂ ସେହି ସମୟତକ ଡିପାର୍ଟମେଣ୍ଟ ପାଇଁ କିଛି କାମ କରିଦେଲେ ଆତ୍ମସନ୍ତୋଷ ମିଳିବା ସହ ଅନ୍ୟର କିଛି ଉପକାରରେ ଆସିପାରିବି ବୋଲି ପ୍ରତିଦିନ ଘରୁ ବାହାରି ଆସେ।' ସତରେ ବଲଜିତ୍‌ଙ୍କ ପରି ଜଣେ ସଚ୍ଚୋଟ କର୍ତ୍ତବ୍ୟନିଷ୍ଠ ପୋଲିସ୍ ଅଧିକାରୀ ଆମ ଦେଶ ପାଇଁ ଏକ ଗର୍ବ।

**ହ୍ୟୁମାନ ରାଇଟ୍ସ ଇନ୍ସପେକ୍ଟରଙ୍କର ଗ୍ରାମ୍ୟ ପାଠାଗାର ଖୋଲିବାର ନିଶା:** ଗାଜିଆବାଦ୍‌ର ଏକ ଛୋଟ ଗାଁ ହେଉଛି ଗନୌଲି। ସେହି ଗାଁର ଜଣେ ଯୁବକ ହେଲେ **ଲାଲ ବହାର**। ନ୍ୟାଶନାଲ୍ ହ୍ୟୁମାନ୍ ରାଇଟ୍ସ କମିଶନ୍‌ରେ ଜଣେ ଇନ୍ସପେକ୍ଟର ଭାବେ ସେ କାର୍ଯ୍ୟରତ। ଏକ ଗରିବ ପରିବାରରେ ତାଙ୍କର ଜନ୍ମ। ବାପା ଜଣେ କୃଷକ। ତଥାପି ବହୁ କଷ୍ଟରେ ଛଅ ପିଲାଙ୍କୁ ପାଠ ପଢାଇ ଶିକ୍ଷିତ କରାଇଥିଲେ। ଲାଲ ବହାରଙ୍କ ପାଠ ପଢାରେ ଆଗ୍ରହ ଥିବା ଯୋଗୁ ସେ କଲେଜ ଶିକ୍ଷା ସମାପ୍ତ କରିଛନ୍ତି। ତା'ପରେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ଦେଇ ଶେଷରେ ନ୍ୟାଶନାଲ୍ ହ୍ୟୁମାନ୍ ରାଇଟ୍ସ କମିଶନ୍‌ରେ ଇନ୍ସପେକ୍ଟର ଭାବେ ନିଯୁକ୍ତି ପାଇବାରେ ସଫଳତା ହାସଲ କଲେ। ଆହୁରି ଆଗକୁ ପଢିବାକୁ ତାଙ୍କର ଇଚ୍ଛା ଥିଲା। କିନ୍ତୁ ଗାଁରେ ସେମିତି କିଛି ବିଶେଷ ସୁବିଧା ନଥିଲା। ତେଣୁ ସର୍ବଦା ସେ ନିଜ ଗାଁ ପିଲାଙ୍କ ପାଇଁ କିଛି ଗୋଟେ ଭଲ କାମ କରିବାକୁ ଚାହୁଁଥିଲେ। କରୋନା ତାଙ୍କୁ ସେହି ସୁଯୋଗ ଆଣିଦେଲା। କରୋନା ଯୋଗୁ ସ୍କୁଲ୍, କଲେଜ ବନ୍ଦ ହୋଇଯିବାରୁ ପିଲାମାନେ ପାଠପଢାରୁ ବଞ୍ଚିତ ହେଉଥିବା ଦେଖି ଲାଲ ବହାରଙ୍କ ମନରେ ଗାଁରେ ଏକ ପାଠାଗାର ଖୋଲିବାର ଆଇଡିଆ ଆସିଲା। ସେ ଗାଁ ସରପଞ୍ଚଙ୍କ ସହ କଥା ହୋଇ ଗାଁର ପୁରୁଣା ପଞ୍ଚାୟତ ଅଫିସ୍‌କୁ ପାଠାଗାର କରିବାର ଚିନ୍ତା କଲେ। ଏହି କାମରେ ତାଙ୍କୁ ସହଯୋଗ କରିବାକୁ ଗାଁର ଅନ୍ୟ ଯେଉଁମାନେ ସରକାରୀ ଚାକିରି କରୁଥିଲେ ସେମାନେ ଆଗେଇ ଆସିଲେ। ସମସ୍ତଙ୍କ ସହଯୋଗ କ୍ରମେ ଦୁଇ ମାସ ଭିତରେ ୫ଲକ୍ଷ ଟଙ୍କା ଯୋଗାଡ଼ ହୋଇଗଲା। ଯେଉଁଥିରେ ୬୦ ପିଲାଙ୍କ ବସିବା ପାଇଁ ଷ୍ଟଡି ଟେବୁଲ୍ ସହ ସିସିଟିଭି କ୍ୟାମେରା ଏବଂ ହଜାରରୁ ଊର୍ଦ୍ଧ୍ୱ ବିଭିନ୍ନ ଜରୁରୀ ଉଚ୍ଚଶିକ୍ଷା ସମ୍ପର୍କିତ ତଥା ପ୍ରତିଯୋଗିତାମୂଳକ ପୁସ୍ତକମାନ କିଣି ସହରୀ ଶୈଳୀର ଏକ ସୁନ୍ଦର ପାଠାଗାର ତାଙ୍କ ଗାଁରେ ଗଢିଉଠିଲା। କିନ୍ତୁ କ୍ରମେ ଦେଖାଗଲା ଉକ୍ତ ଗାଁ ପିଲାଙ୍କ ବ୍ୟତିତ ଅନ୍ୟ ଗାଁର ପିଲା ବି ଆସି ସେଠାରେ ପଢିବାକୁ ଲାଗିଲେ। ଯଦ୍ୱାରା ଭିଡ଼ ବଢିଲା, ପିଲାଙ୍କୁ ବସିବାରେ ଅସୁବିଧା ହେଲା। କିଛି ପିଲା ସେମାନଙ୍କ ଗାଁରେ ବି ଏମିତି ଏକ ପାଠାଗାର ଗଢିବାକୁ ଲାଲ ବହାରଙ୍କୁ ଅନୁରୋଧ କଲେ। ବାସ୍ ତା'ପରଠୁ ତାଙ୍କର ମିଶନ୍ ଗ୍ରାମ୍ୟ ପାଠାଗାର କାର୍ଯ୍ୟକ୍ରମ ଆରମ୍ଭ ହେଲା। ସେ ଓ ତାଙ୍କ ସହଯୋଗୀମାନେ ଆଖପାଖ ଗାଁକୁ ଯାଇ ଧନୀ, ଚାକିରିଆ ଲୋକଙ୍କୁ ବୁଝାଇ ସେମାନଙ୍କ ଗାଁରେ ବି ପାଠାଗାର ଖୋଲିବାର ପ୍ରୟାସ କଲେ ଆଉ ସେଥିରେ ସଫଳ ବି ହେଲେ। ଫଳସ୍ୱରୂପ ୟା'ଭିତରେ ସେମାନଙ୍କ ପ୍ରୟାସରେ ୟୁପି, ଦିଲ୍ଲୀ, ରାଜସ୍ଥାନ, ହରିୟାଣା ଆଦି ସ୍ଥାନରେ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ଗ୍ରାମ୍ୟ ପାଠାଗାର ଖୋଲା ସରିଲାଣି। ସତରେ ଗରିବ ପିଲାମାନଙ୍କୁ ଶିକ୍ଷିତ କରିବାର ଲାଲ ବହାରଙ୍କର ଏହି ପ୍ରୟାସ ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ।

**ରୋଗୀଙ୍କୁ ରକ୍ତଦାନ କରି ଜୀବନ ବଞ୍ଚାଉଥିବା ପୋଲିସ୍ କର୍ମଚାରୀ:** ଉତ୍ତରପ୍ରଦେଶ ପ୍ରୟାଗରାଜର ପୋଲିସ ମହାନିରିକ୍ଷକ କାର୍ଯ୍ୟାଳୟରେ କନ୍‌ଷ୍ଟେବଲ୍ ଭାବେ କାର୍ଯ୍ୟରତ **ଆଶୀଷ ମିଶ୍ରା**ଙ୍କର ରକ୍ତଦାନ କରିବା ଏକ ଅଭ୍ୟାସ। ତାଙ୍କୁ ଯେବେ ବି ସୁବିଧା ହୁଏ ସେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥାନ୍ତି। କିନ୍ତୁ ୨୦୧୭ ଫେବୃୟାରୀ ୨୫ ତାରିଖ ଦିନ ତାଙ୍କ ସହ ଏମିତି ଏକ ଘଟଣା ଘଟିଥିଲା ; ଯାହା ତାଙ୍କ ଜୀବନର ଗତିପଥ ବଦଳାଇଦେଲା। ଘଟଣାଟି ଥିଲା ଏମିତି: ସବୁଦିନ ପରି ସେଦିନ ବି ଆଶୀଷ ଘର ନିକଟସ୍ଥ ଏକ ମନ୍ଦିରକୁ ଦର୍ଶନ ପାଇଁ ଯାଇଥିଲେ। ଦର୍ଶନ ସାରି ଫେରିଲାବେଳକୁ ଜଣେ ସ୍ତ୍ରୀଲୋକଙ୍କୁ କାନ୍ଦୁଥିବାର ଦେଖି ପଚାରି ବୁଝିଲେ ଯେ, ଠିକ୍ ସମୟରେ ରକ୍ତ ନ ମିଳିବାରୁ ସେହି ସ୍ତ୍ରୀ ଲୋକଟି ନିଜ ସନ୍ତାନକୁ ସବୁଦିନ ପାଇଁ ହରାଇ ଦେଇଛନ୍ତି। ଏକଥା ତାଙ୍କୁ ଖୁବ୍ ଦୁଃଖ ଦେଲା। ପରଦିନ ସେ ବ୍ଲଡ୍ ବ୍ୟାଙ୍କ ଯାଇ ପୁଣିଥରେ ରକ୍ତଦାନ କରିଆସିଲେ। ଭାବିଲେ ମୋ ରକ୍ତ କାହାର ନା କାହାର କାମରେ ନିଶ୍ଚୟ ଆସିବ। ହେଲେ ବ୍ଲଡ୍ ବ୍ୟାଙ୍କରୁ ବାହାରିଲାବେଳେକୁ ଆଉ ଜଣେ ଗରିବ ବ୍ୟକ୍ତିଙ୍କ ସହ ତାଙ୍କର ଦେଖା ହୋଇଗଲା। ଆଶୀଷ ୟୁନିଫର୍ମରେ ଥିବାର ଦେଖି ବ୍ୟକ୍ତି ଜଣଙ୍କ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, 'ବାବୁ ଆପଣ ଯେଉଁ ରକ୍ତଦାନ କଲେ ସେ ରକ୍ତ ମୋ ପୁଅ ଦେହରେ ଲାଗିପାରିବ ତ!' ଏହି ଦୁଇଟି ଘଟଣା ଆଶୀଷଙ୍କ ମନ ମସ୍ତିଷ୍କକୁ ସମ୍ପୂର୍ଣ୍ଣ ଦୋହଲାଇ ଦେଲା। ସେ ଚିନ୍ତା କଲେ, ଲୋକମାନେ ଯେଉଁ ରକ୍ତଦାନ କରୁଛନ୍ତି ତାହା ଯଦି ଏଭଳି କିଛି ଅସହାୟ ଲୋକଙ୍କର ଠିକ୍ ସମୟରେ କାମରେ ନ ଆସିପାରିଲା ତା'ହେଲେ ତାହାର କିଛି ଅର୍ଥ ହିଁ ନାହିଁ। ତେଣୁ ସେ ନିଜ ଡିପାର୍ଟମେଣ୍ଟର କିଛି କର୍ମଚାରୀଙ୍କୁ ବୁଝାଇ 'ପୋଲିସ ମିତ୍ର' ନାମରେ ଏକ ହ୍ୱାଟ୍ସଆପ୍ ଗ୍ରୁପ୍ କଲେ। ଆଉ ସେଥିରେ ରକ୍ତଦାନ କରିବାକୁ ଇଚ୍ଛୁକ ଥିବା ବିଭିନ୍ନ ବ୍ଲଡ୍ ଗ୍ରୁପ୍‌ର ବ୍ୟକ୍ତିମାନଙ୍କୁ ଆଡ୍ କରିଦେଲେ। ଯଦ୍ୱାରା ଯାହାକୁ ବି ଯେଉଁଠି ରକ୍ତର ଆବଶ୍ୟକତା ପଡିବ, ସେମାନେ ଏହି ଗ୍ରୁପ୍‌ରେ ମେସେଜ୍ କରିବେ ; ଆଉ ସେହି ଅନୁଯାୟୀ ସଙ୍ଗେ ସଙ୍ଗେ ପଦକ୍ଷେପ ନିଆଯିବ। ଆଶୀଷଙ୍କର ଏହି ଆଇଡିଆଟା ଭଲ କାମ ବି ଦେଲା। ୟା'ଭିତରେ ଏହି ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଉତ୍ତରପ୍ରଦେଶର ଆଠଟି ଜୋନ୍‌ର ପ୍ରାୟ ୧୦୦୦ରୁ ଅଧିକ ପୋଲିସ୍ କର୍ମଚାରୀଙ୍କ ସମେତ କେତେକ ସହୃଦୟ ବ୍ୟକ୍ତିମାନେ ବି ସାମିଲ ହୋଇସାରିଛନ୍ତି। କେବଳ ସେତିକି ନୁହେଁ, ଏହି ହ୍ୱାଟ୍ସଆପ୍ ଗ୍ରୁପ୍ ଯୋଗୁ ପ୍ରାୟ ୧୫୦୦ରୁ ଊର୍ଦ୍ଧ୍ୱ ଅସହାୟ ଲୋକଙ୍କୁ ଠିକ୍ ସମୟରେ ରକ୍ତ ମିଳିବାରୁ ବହୁ ଅମୂଲ୍ୟ ଜୀବନ ମଧ୍ୟ ବଞ୍ଚିପାରିଛି। ସେଥିପାଇଁ ଉତ୍ତରପ୍ରଦେଶ ପୋଲିସ୍ ଡିପାର୍ଟମେଣ୍ଟରେ ଏବେ ଆଶୀଷଙ୍କର ଏଭଳି ମହତ୍ କାର୍ଯ୍ୟକୁ ସମସ୍ତେ ଭୂୟସୀ ପ୍ରଶଂସା କରୁଛନ୍ତି।

ଏମାନଙ୍କ ବ୍ୟତିତ ଆହୁରି ଅନେକ ଏମିତି ପୋଲିସ କର୍ମଚାରୀ ଅଛନ୍ତି ; ଯେଉଁମାନେ ତାଙ୍କର ଡ୍ୟୁଟିକୁ ସୂଚାରୁରୂପେ ତୁଲାଇବା ସହ ଏଭଳି କିଛି ଜନହିତକର କାମ କରୁଛନ୍ତି ; ଯାହା ସେମାନଙ୍କୁ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର କରୁଛି।

–ଅନ୍ୱିତା ମିଶ୍ର






ଲାଲ ବହାର


ଆଶୀଷ ମିଶ୍ରା

# ପାଦରେ ଶକ୍ତି ଥିବା ଯାଏ ନାଚୁଥିବି



ଚମତ୍କାର ନୃତ୍ୟ କରି ଯିଏ ସାରା ଭାରତରେ ବାଃ ବାଃ ସାଉଁଟୁଥିଲେ । ଏବେ ସେ ଭୟଙ୍କର ଭୂତୁଣୀର ଅଭିନୟ କରି ସମସ୍ତଙ୍କୁ ଡରାଉଛନ୍ତି। ସେ ହେଉଛନ୍ତି ମନ୍ଦାକିନୀ ଜେନା । ତାଙ୍କ ଜୀବନର କିଛି କଥା ଏଥରର ସେଲିବ୍ରିଟି ସିକ୍ରେଟ୍‌ରେ...

**ଗାଁ** ଯାଜପୁର ଜିଲାର ବରୀରେ । ଆମେ ମହାନ୍ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ବଂଶଜ । ବାପା ଗହନ ବିହାରୀ ଜେନା ଇଡବ୍ଲ୍ୟୁସିରେ ଚାକିରି କରିଥିଲେ । ଭୁବନେଶ୍ୱରରେ ମୋ ଜନ୍ମ । ଆମେ ଚାରି ଭାଇଭଉଣୀ । ମୁଁ ସବୁଠୁ ସାନ । ପିଲାଦିନୁ ନାଚ ପ୍ରତି ମୋର ଖୁବ୍ ଭଲ ପାଇବା ଥିଲା । ତଳେ ଗଡି ଗଡି ନାଗିନା ନାଚ ନାଚୁଥିଲି । ଏହା ଦେଖି ବାପା ମତେ ନାଚ ଶିଖାଇବା ସହ ବିଭିନ୍ନ ପ୍ରତିଯୋଗିତାକୁ ନେଉଥିଲେ । ନିଜେ ନାଚ ପ୍ରତିଯୋଗିତାର ଆୟୋଜନ ବି କରାଉଥିଲେ । ଏହାଛଡ଼ା ନିଜ ସୁରକ୍ଷା ଯେମିତି ନିଜେ କରିପାରିବି ସେଥିପାଇଁ ଟାଏକୋଣ୍ଡୋ ବି ଶିଖାଇଲେ । ହେଲେ ମୋର ନାଚିବାକୁ ବନ୍ଧୁବାନ୍ଧବ ଓ ବାହାର ଲୋକେ କେହି ପସନ୍ଦ କରୁ ନ ଥିଲେ । ହେଲେ ବାପାଙ୍କ ପାଇଁ ମୋ ଖୁସି ଥିଲା ସବୁଠୁ ବଡ଼ ।

**ବ୍ୟାକ୍‌ଗ୍ରାଉଣ୍ଡ ଡ୍ୟାନ୍ସରରୁ ଆରମ୍ଭ :** ନବମରେ ପଢିବା ବେଳକୁ ଭାଇର ସାଙ୍ଗ ଜଗନ୍ନାଥ ତମାଙ୍ଗ ମୋର ପ୍ରଥମ ଗୁରୁ ହେଲେ । ସେ ମତେ ମଡର୍ନ ଡ୍ୟାନ୍ସ ସହ ଟାଏକୋଣ୍ଡୋ ବି ଶିଖାଇଲେ । ସେତେବେଳେ ଝିଅମାନେ ବେଶି ଆଧୁନିକ ନାଚ ଶିଖୁ ନ ଥିଲେ । ତେଣୁ ମୁଁ ପୁଅଙ୍କ ଟିମ୍‌ରେ ନାଚିଲି । ଅନେକ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପ୍ରଥମ ହେଲି । ତା ସହ 'ବୋଉ', 'ପୁଅ ମୋର ଜଗତଜିତା', 'ଧର୍ମ ନିକିତି' ଆଦି ଚଳଚ୍ଚିତ୍ରରେ ବ୍ୟାକ୍‌ଗ୍ରାଉଣ୍ଡ ଡ୍ୟାନ୍ସର ଭାବେ ନାଚିଲି ।

**କମଲ ହାସନ୍‌ଙ୍କ ସହ କାମ:** ଯୁକ୍ତ୨ରେ ପଢିଲାବେଳେ କମଲ ହାସନ୍, ମାଧବନ୍‌ଙ୍କ ସହ ଏକ ଚଳଚ୍ଚିତ୍ରରେ କାମ କରିବାର ସୁଯୋଗ ମିଳିଲା । ସିନ୍‌ଟି ବହୁତ ଛୋଟ ଥିଲା । ହେଲେ ବଡ଼ ବଡ଼ ଫିଲ୍ମର ଶୁଟିଂ କେମିତି ହୁଏ ଜାଣିଲି ।

**ପ୍ରଥମ ରୋଜଗାର :** ଜଗନ୍ନାଥ ତମାଙ୍ଗ ସାର୍ ଯେବେ ବ୍ୟାଙ୍କକ୍ ଚାଲିଗଲେ ମୁଁ ନିଜର ଗ୍ରୁପ୍ ଗଢି ମାଗଣାରେ ଡ୍ୟାନ୍ସ ଶିଖାଇବା ଆରମ୍ଭ କଲି । ତା'ସହ ଭାବିଲି କିଛି ରୋଜଗାର କରିବି । ବାପାଙ୍କୁ ସାହାଯ୍ୟ କରିବି । ସେତେବେଳେ ମୁଁ ଯୁକ୍ତ୩ରେ ପଢୁଥାଏ । ଫରେଷ୍ଟ ପାର୍କ ପାଖ ଏକ ଜିମ୍‌ରେ ଜୁମ୍ବା ଶିଖାଇବା ଆରମ୍ଭ କଲି । ୧୫୦୦ଟଙ୍କା ଥିଲା ପ୍ରଥମ ରୋଜଗାର । ପରେ ମହିମା ମିଶ୍ରଙ୍କ ପତ୍ନୀ ମାଲାଙ୍କୁ ଜୁମ୍ବା, ଡ୍ୟାନ୍ସ ଶିଖାଇବାକୁ ଅଫର୍ ଆସିଲା । ସେଠି ଭଲ ଶିଖାଇବାରୁ ସେ ମତେ ଦିଲ୍ଲୀ ପବ୍ଲିକ ସ୍କୁଲରେ ଚାକିରି କରାଇଦେଲେ । ଦରମା ଥିଲା ୮୦୦୦ଟଙ୍କା ।

**ବୁଗିଉଗି ଓ ଡିଆଇଡି :** ଏହି ସମୟରେ ମୁଁ ଜାଣିବାକୁ ପାଇଲି ବୁଗି ଉଗି ଡ୍ୟାନ୍ସ ପ୍ରୋଗ୍ରାମର ଅଡିଶନ୍ କଟକରେ ହେଉଛି । ମୁଁ ରାଣା ସାର୍‌ଙ୍କୁ ନେଇ ଅଡିଶନ୍ ଦେବାକୁ ଗଲି । ସିଲେକ୍ଟ ହେବାପରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଡୁଏଟ୍‌ରେ ତୃତୀୟ ଓ ସୋଲୋରେ ଭଲ ପ୍ରଦର୍ଶନ କରି ଅନେକ ପ୍ରଶଂସା ପାଇଲି । ଫେରିବା ପରେ 'ଏମ୍ ଜୋନ୍' ଡ୍ୟାନ୍ସ ସ୍କୁଲ ଖୋଲିଲି । ଏହାପରେ ଆସିଲା ଡିଆଇଡିରୁ କଲ୍ । ସେଥିରେ ବି ଭାଗ ନେଲି । ଟପ୍ ୬ରେ ରହିଲି ଓ ବ୍ୟାକ୍ ଫ୍ଲେକ୍ସିବିଲିଟି ଆୱାର୍ଡ ପାଇଲି । ତା'ସହ ଟେରେନ୍ସ ସାର୍‌ଙ୍କଠୁ ଡ୍ୟାନ୍ସ ଶିଖିବାର ସୁଯୋଗ ପାଇଲି ଓ ଅନେକ ଇଣ୍ଟରନ୍ୟାଶନାଲ ଶୋ' କଲି ।

**ମ୍ୟାରିକମ୍ ଚଳଚ୍ଚିତ୍ରର ଅଫର୍:** ଟେରେନ୍ସ ସାର୍‌ଙ୍କ ରେଫରେନ୍ସରେ ବିଶ୍ୱପ୍ରସିଦ୍ଧ ବକ୍ସର 'ମ୍ୟାରି କମ୍'ଙ୍କ ଉପରେ ହେବାକୁ ଥିବା ବାୟୋପିକ୍‌ରେ ମୁଖ୍ୟ ଚରିତ୍ରରେ ଅଭିନୟ କରିବାର ଅଫର୍ ପାଇଥିଲି । ହେଲେ ଦୁର୍ଭାଗ୍ୟକୁ ସେଇ ସମୟରେ ବାପା କିଡ୍‌ନୀ ରୋଗରେ ଆକ୍ରାନ୍ତ ହେଲେ । ତେଣୁ ତାଙ୍କ ଚିକିତ୍ସା ପାଇଁ ବାଧ୍ୟ ହେଇ ମୁଁ ଭୁବନେଶ୍ୱର ଫେରିଲି । ଆଉ ଏତେ ବଡ଼ ଅଫର୍ ହାତଛଡ଼ା ହେଲା ।

**ଚକ୍ ଧୁମ୍ ଧୁମ୍ ବିଜୟୀ:** ବାପାଙ୍କ ଚିକିତ୍ସାରେ ବହୁତ ଖର୍ଚ୍ଚ ହେଉଥାଏ । ତେଣୁ ଏକ ବଡ଼ ଘର ନେଇ ମୋ ଏମ୍ ଜୋନ୍ ଡ୍ୟାନ୍ସ ଏକାଡେମିକୁ ବଡ଼ କରି ଗଢିଲି । ସେତେବେଳକୁ ମୋର କିଛିଟା ନାଁ ହୋଇଯାଇଥିବାରୁ ଶିଖିବା ପାଇଁ ପିଲାଙ୍କ ଲାଇନ୍ ଲାଗିଲା ।





ଡିପିଏସ୍‌ରେ ବି ଚାକିରି କରୁଥାଏ । ରୋଜଗାର ଭଲ ହେଉଥାଏ । ବାପାଙ୍କ ଚିକିତ୍ସା ଚାଲିଲା । ତାଙ୍କ ସ୍ଥିତି କିଛିଟା ଭଲ ଥାଏ । ଯା'ଭିତରେ ଚକ୍ ଧୁମ୍ ଧୁମ୍ ଡ୍ୟାନ୍ସ କମ୍ପିଟିଶନ୍‌ରେ ଭାଗ ନେଲି । ଆଉ ଜିତିଲି । ଭୁବନେଶ୍ୱର ଫେରିବା ପରେ ଡିଆଇଡି, ଚକ୍ ଧୁମ୍ ଧୁମ୍ ଭଳି ବଡ଼ ବଡ଼ ଡ୍ୟାନ୍ସ ପ୍ରୋଗ୍ରାମର ଇଷ୍ଟ ଜୋନ୍ ଅଡିଶନ୍‌ର ଜଜ୍ ହେଲି ।

**ଡ୍ୟାନ୍ସ ପାର୍ଟନର ସାଜିଲେ ଲାଇଫ୍ ପାର୍ଟନର:** ବାପାଙ୍କ ଦେହ ଅଧିକ ଖରାପ ହେବା ପରେ ମୋ ବିବାହର ଚାପ ବଢିଲା । ହେଲେ ଯୋଉ ପ୍ରସ୍ତାବ ଆସୁଥିଲା ଡ୍ୟାନ୍ସ ଛାଡିବାକୁ କୁହାଯାଉଥିଲା, ଯାହାକି ସମ୍ଭବ ନ ଥିଲା । ଯେତେବେଳେ ବାପାଙ୍କର ଦୁଇଟିଯାକ କିଡ୍‌ନୀ ଖରାପ ହୋଇଗଲା ସେ ମତେ ବୋହୂ ରୂପରେ ଦେଖିବାକୁ ଜିଦ କଲେ । ଶେଷରେ କ'ଣ କରିବି ବାଟ ନ ପାଇ ମୋ ଡ୍ୟାନ୍ସ ପାର୍ଟନର ରାଣା ସାର୍ ଯେ କି ବ୍ରାହ୍ମଣ ଜାତିର ତାଙ୍କୁ କହିଲି– ସାର୍ ମତେ ବାହା ହେଇ ଯାଆନ୍ତୁ । ଆପଣ ତ ମତେ ଭଲଭାବେ ଜାଣନ୍ତି । ଆପଣ ମୋ ବେଷ୍ଟ ଫ୍ରେଣ୍ଡ । ଯଦି ଜାତିକୁ ନେଇ ସମସ୍ୟା ଆସେ ମୁଁ ଆପଣଙ୍କ ଘରେ ଯାଇ କଥା ହେବି । ମୋ ବାପାଙ୍କର ଏଇଟା ଶେଷଇଚ୍ଛା । ସାଙ୍ଗେ ସାଙ୍ଗେ ବରପାତ୍ରଟେ କୋଉଠୁ ପାଇବି ? ତାଙ୍କ ମା'ଙ୍କ ସହ ବି କଥା ହେଲି । ସେ ମତେ ବହୁତ ଭଲ ପାଉଥିଲେ । ତେଣୁ ସେ ରାଜି ହେଲେ । ସେମାନେ ଗାଁ ଲୋକଙ୍କ ସହ କଥା ହେଲେ । ଶେଷରେ ଗାଁ ଲୋକ ବି ରାଜି ହେଲେ । ବାପାଙ୍କୁ କହିଲି ବର ମିଳିଗଲା ।

**ବାହାଘର ଦେଖିପାରିଲେନି ବାପା:** ବାପା ଭାରି ଖୁସି ଥିଲେ ମୋ ବାହାଘର ହେବ ବୋଲି । ହେଲେ ବାହାଘର ପୂର୍ବରୁ ହିଁ ସେ ଚାଲିଗଲେ । ହେଲେ ମୃତ୍ୟୁ ପୂର୍ବରୁ ବାହାଘର ପାଇଁ କିଣାହୋଇଥିବା ଗହଣା ଓ ଶାଢୀ ପିନ୍ଧି ତାଙ୍କୁ ଦେଖାଇଥିଲି । ସେ କାନ୍ଦି ପକାଇ କହିଲେ ବାହାଘର ସିନା ଦେଖି ପାରିବିନି ହେଲେ ତୋ' କୋଳରେ ଜନ୍ମ ହେବି । ବାପାଙ୍କ ମୃତ୍ୟୁର ଏକ ବର୍ଷ ପରେ ବାହାଘର ହେଲା । ମୋର ଟୁଇନ୍ସ ପୁଅ ହେଲା । ଲାଗିଲା ସତରେ ମୋ ବାପା ମୋ କୋଳକୁ ଫେରିଲେ ।

**ମା' ବାପା ଭଗବାନ:** ବାପା ଗଲା ପରେ ମା'ଙ୍କୁ ମୁଁ ପାଖରେ ରଖିଲି । ସେ ମୋ ଦୁଇ ପୁଅଙ୍କ କଥା ବୁଝୁଥିଲେ । ହେଲେ ଏଇ ଦୁଇ ବର୍ଷ ପୂର୍ବେ ସେ ବି ଚାଲିଗଲେ । ମୋ ମା' ବାପା ମୋ ପାଇଁ ଭଗବାନ ।

**ଡିଆଇଡି ମମ୍:** ପରେ ଡିଆଇଡି ମମ୍‌ରେ ଭାଗ ନେବା ପାଇଁ କଲ୍ ଆସିଲା । ସେଠାକୁ ଯାଇ ପରଫର୍ମ କଲି । ହେଲେ କିଛି କାରଣ ପାଇଁ ତାକୁ ଛାଡିଲି ।

**ଅଭିନୟର ଆରମ୍ଭ:** ଭଉଁରୀ, ଡାଲଚିନି ଭଳି ଫିଲ୍ମର ପ୍ରଯୋଜକ ଅତିସ୍ ବାବୁଙ୍କ ସ୍ତ୍ରୀ ଓ ପୁଅ ମୋ ଷ୍ଟୁଡେଣ୍ଟ ଥିଲେ । ଥରେ ସେ ଜିତେନ୍ଦ୍ର ସାର୍‌ଙ୍କ ସହ ଥିବାବେଳେ ତାଙ୍କ ସହ ମୋର ଦେଖା ହେଲା । ଜିତେନ୍ଦ୍ର ସାର୍ ମୋ ସମ୍ପର୍କରେ ଜାଣିବା ପରେ ମତେ ଅଭିନୟରେ ସୁଯୋଗ ଦେବେ ବୋଲି କହିଲେ । ମୁଁ କହିଲି ଫିଲ୍ମ କରିବାକୁ ଚାହୁଁଛନ୍ତି ଯଦି ଛଉ ନୃତ୍ୟ ଉପରେ କରନ୍ତୁ । ଆଉ ସେ 'ପ୍ରତିବାଦ' ନାମରେ ଗୋଟେ ସର୍ଟ ଫିଲ୍ମ କଲେ । ଯେଉଁଥିରେ ସେ ମତେ ପ୍ରଥମକରି ଅଭିନୟ କରିବାର ସୁଯୋଗ ଦେଲେ । ଫିଲ୍ମଟି ପ୍ରଥମେ ୟୁଟ୍ୟୁବ୍‌ରେ ଓ ପରେ ତରଙ୍ଗ ଚ୍ୟାନେଲରେ ପ୍ରସାରିତ ହେଲା ।

**ବୋଉ, ବୁଟୁ, ଭୂତ:** ପ୍ରତିବାଦ ଚଳଚ୍ଚିତ୍ରରୁ ବାବୁସାନ ପ୍ରଡକ୍ସନ ଟିମ୍ ମତେ ଦେଖି ବୋଉ, ବୁଟୁ, ଭୂତ ଚଳଚ୍ଚିତ୍ର ପାଇଁ ବାଛିଥିଲେ । ମୁଁ ଭାବିପାରୁ ନ ଥିଲି ଅଫର୍ ଗ୍ରହଣ କରିବି କି ନାହିଁ ବୋଲି । ଅତିସ୍ ବାବୁଙ୍କୁ ପଚାରିବାରୁ ସେ ମତେ କହିଲେ ଆଖିବୁଜି ହଁ କର । ମୋର ସିନ୍ ବହୁତ ଛୋଟ ଥିଲା । ଭାବିଥିଲି ମୋ ରୋଲ୍‌ର ଗୁରୁତ୍ୱ ନ ଥିବ । ହେଲେ ଟ୍ରେଲର୍ ଆସିବା ପରେ ବିଶ୍ୱାସ କରିପାରିଲିନି ମୋ ଚରିତ୍ରକୁ ଏତେ ଗୁରୁତ୍ୱ ଦିଆଯାଇଛି ବୋଲି । ଲୋକ ବହୁତ ଭଲ ପାଇବା ଦେଲେ । ଏମିତିକି ଟେରେନ୍ସ ସାର୍ ବି ବହୁତ ପ୍ରଶଂସା କରିଥିଲେ । ଏବେ ମୋ ହାତରେ ଏକ ମାଲାୟଲମ୍ ଚଳଚ୍ଚିତ୍ରର ଅଫର ଅଛି ।

**ପାଲଟିଛି ସୁପର୍ ଓମେନ:** ସକାଳ ୪ରୁ ଉଠି ଇଣ୍ଟରନ୍ୟାଶନାଲ ଅନ୍‌ଲାଇନ୍ ଯୋଗ, ପ୍ରିନାଟାଲ କ୍ଲାସ୍ କରେ । ପରେ ରୋଷେଇ, ଘରକାମ, ପିଲାଙ୍କ ଦାୟିତ୍ୱ ସାରି ଡ୍ୟାନ୍ସ ଏକାଡେମି ଯାଏ । ତା' ଭିତରେ ବାଇକ୍ ରାଇଡ୍ କରି ବୁଲିବା, ପାହାଡ ଚଢିବା, ଗଛ ଚଢିବା ମୋର ବହୁତ ପସନ୍ଦ । ଶେଷରେ ଏତିକି କହିବି ପାଦରେ ଶକ୍ତି ଥିବା ଯାଏ ନାଚିବି । ଆଉ ନାଚି ନାଚି ହିଁ ମୋକ୍ଷ ପାଇବାକୁ ଚାହେଁ ।



–ଶିବାନୀ ମହାନ୍ତି



# ଓଡ଼ିଆ ଭାଷା ସୁରକ୍ଷାର ପ୍ରହରୀ




ଏକ ସ୍ୱାଧୀନତା ସଂଗ୍ରାମୀ ପରିବାରରେ ତାଙ୍କର ଜନ୍ମ। ପିଲାଟି ଦିନରୁ ସେ ସମାଜସେବାରେ ବ୍ରତୀହୋଇ ଗରିବ ପିଲାଙ୍କୁ ଅକ୍ଷର ଶିଖାଇବା, ଗାଁରେ ପାଠାଗାର ପ୍ରତିଷ୍ଠା କରିବା, ରାସ୍ତାକଡ଼ ସଫେଇ, ଗୋସେବା ଏବଂ ଓଡ଼ିଆ ଭାଷା, ସଂସ୍କୃତିର ପ୍ରଚାର ପ୍ରସାର କରିବାରେ ସର୍ବଦା ମନବଳାଇଥାନ୍ତି। ୧୯୯୭ରୁ ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସ ମଣ୍ଡଳରେ ଯୋଗଦେଇ ଅଦ୍ୟାବଧି ଉତ୍କଳମଣି ଓଡ଼ିଆ ଶିକ୍ଷା ପ୍ରସାର ପାଣ୍ଠିର ସାଧାରଣ ସମ୍ପାଦକ ଦାୟିତ୍ୱ ତୁଲାଉଛନ୍ତି। ବିଶେଷକରି ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା ଓ ସଂସ୍କୃତି ସୁରକ୍ଷା ଲାଗି ସର୍ବଦା କାର୍ଯ୍ୟ କରିଥାନ୍ତି। ଏକାଧାରରେ ଜଣେ ସମାଜସେବୀ ଏବଂ ଲେଖକ ଭାବେ ତାଙ୍କର ପରିଚୟ ରହିଛି। ସେ ହେଲେ **ପର୍ଶୁରାମ ଦ୍ୱିବେଦୀ**। ଜନ୍ମ ତା୨।୪।୧୯୩୫ରେ। ମାତା-ସୁଭଦ୍ରା ଦ୍ୱିବେଦୀ, ପିତା-ଅନାମ ଦ୍ୱିବେଦୀ। ଘର କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଖଣ୍ଡସାହିରେ। ବର୍ତ୍ତମାନ ସେ ରହୁଛନ୍ତି ଭୁବନେଶ୍ୱରରେ। ଏବେ ତାଙ୍କୁ ବୟସ ପ୍ରାୟ ୯୨ ଟପିଲାଣି, ହେଲେ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଏବେ ବି ପ୍ରୟାସ ଜାରି ରଖିଛନ୍ତି । ସେ କୁହନ୍ତି, 'ଶ୍ରୀରାମକୃଷ୍ଣ ପରମହଂସ ଦେବଙ୍କ ଆଶ୍ରିତ ବିପ୍ଳବୀ ତଥା ସ୍ୱାଧୀନତା ସଂଗ୍ରାମୀ ସୁରେନ୍ଦ୍ରନାଥ ଦ୍ୱିବେଦୀ ଓ କସ୍ତୁରୀ ଦ୍ୱିବେଦୀଙ୍କ ଭଳି ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାରରେ ମୋର ଜନ୍ମ। ଆମ ପରିବାରରେ ଆମେ ଭାଇଭଉଣୀ ୬ଜଣ ଥିଲୁ। । ମୋତେ ପିଲାଦିନେ ଦୁଇଦୁଇ ଥର ହଇଜା, ଆନ୍ତ୍ରିକ ଜ୍ୱର ଓ ୧୦ଥର ମ୍ୟାଲେରିଆ ହୋଇଛି । ଏପରିକି ୨ଥର ହାଡ଼ଫୁଟି ହୋଇଥିଲା। ମୋତେ ଯେତେବେଳେ ୭ବର୍ଷ ହୋଇଥିଲା ସେ ସମୟରେ ମୋ ବାପା ଆରପାରିକୁ ଚାଲିଗଲେ। ପରିବାର ପାଇଁ ମୋତେ କେବେ ମୂଲିଆ ହୋଇ ତ ପୁଣି କେବେ ପୂଜାରୀ ହୋଇ ଘର ଚଳାଇବା ପାଇଁ କାମ କରିବାକୁ ପଡ଼ିଛି। ପ୍ରତିଦିନ ମୁଁ ଘରେ ଗୀତାପାଠ କରେ, ଭାଗବତ ଶୁଣେ। ରାମକୃଷ୍ଣ କଥାମୃତ ଓ ଗାନ୍ଧିଜୀଙ୍କ ଜୀବନୀ ପାଠ କରିଥାଏ।

ତେବେ ମୋର ବିଧିବଦ୍ଧ ପାଠପଢ଼ା ଆରମ୍ଭ ହୁଏ ଗାଁ ସ୍କୁଲରେ। ୧୯୫୪ ମସିହାରୁ ଏକାଦଶ ପାସ୍ କରି ଘରୋଇ ଭାବେ ଆଇଏ, ବିଏ ପରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଏମ୍ଏ କଲି। ସେହି ସମୟରେ ପ୍ରଫେସର ପ୍ରହ୍ଲାଦ ସାର୍‌ଙ୍କ ଘରେ ଟିଉସନ କରୁଥିଲି। ତା'ପରେ ଚାକିରି କଲି। ପ୍ରଥମେ ଢେଙ୍କାନାଳ ଜିଲାର ହିନ୍ଦୋଳ ସାତମାଇଲିଠାରେ ପ୍ରାଥମିକ ଶିକ୍ଷକଭାବେ କାର୍ଯ୍ୟ କଲି। ଏହାପରେ ଚାକିରି ଛାଡ଼ି ନବଜୀବନ ପ୍ରେସ୍ ଏବଂ ରାଧାରମଣ ପ୍ରେସ୍‌ରେ ପରିଚାଳନା ଓ ପ୍ରୁଫ୍ କାର୍ଯ୍ୟ ବୁଝିଲି। ଏହାଥିଲା ୧୯୫୬ରୁ ୧୯୫୭ର ସମୟ। ତା'ପରେ ସେସବୁ ଛାଡ଼ି କଟକ ଜିଲା ଜଜ୍‌କୋର୍ଟରେ କିରାଣିଭାବେ ଚାକିରି କଲି ଏବଂ ସରକାରୀ ତାଲିମ କେନ୍ଦ୍ରରୁ ହିସାବ ରକ୍ଷକ ସହ ସମୀକ୍ଷାରେ ପ୍ରଥମ ଶ୍ରେଣୀରେ ପାସ୍ କଲି। ୧୯୫୮ରୁ ୧୯୫୯ ଯାଏ ସରକାରୀ ମତ୍ସ୍ୟ ନିର୍ଦ୍ଦେଶାଳୟ କାର୍ଯ୍ୟାଳୟରେ ହିସାବ ରକ୍ଷକଭାବେ ନିଯୁକ୍ତି ପାଇଲି। ପୁଣି ୧୯୫୯ରୁ ୧୯୬୧ ଯାଏ ଗ୍ରାମ ପଞ୍ଚାୟତ ବିଭାଗରେ ପଞ୍ଚାୟତ ସମୀକ୍ଷା ପରିଦର୍ଶକ ହୋଇ ବାଲିକୁଦା ଓ ତିର୍ତ୍ତୋଲରେ କାର୍ଯ୍ୟ କରିଲି। ସମୟ କ୍ରମେ ବାରଙ୍ଗ, ବାଙ୍କୀ, କୁଜଙ୍ଗ, ପର୍ଜଙ୍ଗ, କେନ୍ଦ୍ରାପଡ଼ା, ଠାକୁରମୁଣ୍ଡା, ବାଂଶପାଳ, ମାଲକାନଗିରି ଓ ଚାରିଛକ ଆଦି ଅଞ୍ଚଳରେ ବିଡିଓ ଭାବେ କାର୍ଯ୍ୟ କଲି। ୧୯୭୭ରୁ ୧୯୮୧ ଯାଏ ଆଦିବାସୀ ହରିଜନ ବିଭାଗ ବାଲିଗୁଡ଼ା ଟିଡିଏରେ ସହକାରୀ ନିର୍ଦ୍ଦେଶକ ଭାବେ, ୧୯୮୧ରୁ ୧୯୮୭ ଯାଏ ଆଦିବାସୀ ହରିଜନ ଅର୍ଥ ନିଗମର ସହକାରୀ ଉନ୍ନୟନ ଅଧିକାରୀ ଭାବେ, ୧୯୮୭ରୁ ୧୯୯୦ ଯାଏ ହିନ୍ଦ୍ କୁଷ୍ଠ ନିବାରଣ ସଂଘର ମୁଖ୍ୟ ଥଇଥାନ ଅଧିକାରୀ ଭାବେ, ୧୯୯୦ରୁ ୧୯୯୨ ଯାଏ ସଂସ୍କୃତି ଓ କ୍ରୀଡ଼ା, ଯୁବସେବା ଓ ଲୋକସମ୍ପର୍କ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ୧୯୯୨ରେ ଏକ୍‌ଜିକ୍ୟୁଟିଭି ମାଜିଷ୍ଟ୍ରେଟ, ଭୁବନେଶ୍ୱରରେ କାର୍ଯ୍ୟକରି ୧।୧୧।୧୯୯୪ରୁ ଅବସର ନେଇଛି। ପ୍ରାୟ ୭ବର୍ଷରେ ୭ଟି ବିଭାଗକୁ ବାରମ୍ବାର ବଦଳି ହୋଇଥିଲା।

ପରବର୍ତ୍ତୀ ସମୟରେ ଉତ୍କଳପ୍ରାଣ ସଚ୍ଚିଦାନନ୍ଦ ମିଶ୍ରଙ୍କ ଦ୍ୱାରା ପ୍ରଭାବିତ ହୋଇ ମୁଁ ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି ପାଇଁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଆଦର୍ଶରେ ଓଡ଼ିଆ ଭାଷା ସଂସ୍କୃତି ସୁରକ୍ଷା ପାଇଁ ପ୍ରୟାସ ଜାରିରଖିଛି। ସେଥିପାଇଁ ଷଢ଼େଇକଳା ଖରସୁଆଁ, ପୂର୍ବ ଓ ପଶ୍ଚିମ ସିଂହଭୂମି ସହ ଛତିଶଗଡ଼ ଦକ୍ଷିଣ ବିଚ୍ଛିନ୍ନାଞ୍ଚଳ ଓ ସୀମାନ୍ତ ଅଞ୍ଚଳରେ କାର୍ଯ୍ୟ ଚଳାଇଛୁ। ଏହାବାଦ ମୁଁ ଓଡ଼ିଶା ରେଡ୍‌କ୍ରସ ଶାଖାର ଆଜୀବନ ସଦସ୍ୟ, ଉତ୍କଳ ସମ୍ମିଳନୀର ଆଜୀବନ ସଦସ୍ୟ, ଏମିତିରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଅନୁଷ୍ଠାନ ସହିତ ଜଡ଼ିତ। ନିଉ ବାପୁଜୀ ନଗର କଲ୍ୟାଣ ସମିତି ଗଠନ କରି ପ୍ରାୟ ୨୪ବର୍ଷ ଧରି ସଭାପତି ଭାବେ ଉନ୍ନୟନ କାର୍ଯ୍ୟ କରିପାରିଛି। ଏଥିସହିତ ଆମ ବିଚ୍ଛିନ୍ନାଞ୍ଚଳ ୧ମ ଭାଗ, ୨ୟ ଭାଗ, ମୈତ୍ରୀ-ସମ୍ପର୍କର ସେତୁ-୨୦୦୬, ମୈତ୍ରୀ ସମ୍ପର୍କର ସେତୁ-୨୦୦୭, ମୈତ୍ରୀ ସମ୍ପର୍କର ସେତୁ-୨୦୦୯, ଛିନ୍ନମସ୍ତା, ଅରକ୍ଷିତକୁ ଦଇବ ସାହା, ସତସତିକା ଗପ ଆଦି ପୁସ୍ତକ ରଚନା କରିଛି।

ତାଙ୍କ ସାମଗ୍ରିକ କାର୍ଯ୍ୟ ପାଇଁ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ତରଫରୁ ପୁରସ୍କୃତ ଓ ସମ୍ମାନିତ କରାଯାଇଛି। ଯାହା ମଧ୍ୟରେ ଗୋକର୍ଣ୍ଣିକା ସାହିତ୍ୟ ସଂସଦ, ସାହାଣମେଲା ପତ୍ରିକା, ହରିଶ୍ଚନ୍ଦ୍ର ବକ୍ସିପାତ୍ର ସ୍ମୃତି ସଂସଦ, ପଶ୍ଚିମ ସିଂହଭୂମି ଓଡ଼ିଆ ସମାଜ, ଗୋଲମୁରୀ ଉତ୍କଳ ସମାଜ ଟାଟା, ଉତ୍କଳ ସମ୍ମିଳନୀ କଟକ ଜିଲା ଶାଖା, ଭାଷାସଂସ୍କୃତି ସମାଜ ଅନୁଷ୍ଠାନ, ମଧୁର ଝଙ୍କାର, ଦ୍ୱିତୀୟ ଭଞ୍ଜ ଅନୁଷ୍ଠାନ, ଅଖଣ୍ଡ ଉତ୍କଳ ପ୍ରହରୀ, ନିଖିଳ ଓଡ଼ିଶା ପ୍ରଗତିଶୀଳ ଲେଖକ ସାମ୍ମୁଖ୍ୟ, ଜ୍ୟୋତିକଳା ସଂସଦ ଷଢେଇକଳା, ଅନନ୍ୟ ଓଡ଼ିଶା, ଓଡ଼ିଶା ଗୌରବ, ଶ୍ରୁତି ୨ୟବାର୍ଷିକ ସମ୍ମାନ, ଓଡ଼ିଆ ଭାଷା ଗବେଷଣା ପ୍ରତିଷ୍ଠାନ, ମହାପୁରୁଷ ଅଚ୍ୟୁତାନନ୍ଦ ସମ୍ମାନ ଆଦି ଅନେକ ସମ୍ମାନ ରହିଛି।

ଏବେ ଜୀବନର ସାୟାହ୍ନରେ ସେ ତାଙ୍କ ଅଧ୍ୟବସାୟ ଛାଡ଼ି ନାହାନ୍ତି। ଏସବୁ କାମରେ ସେ ଖୁସି ପାଆନ୍ତି ବୋଲି କହିବା ସହ କହନ୍ତି 'ଅରକ୍ଷିତକୁ ଦଇବ ସାହା' ନାମରେ ମୁଁ ଏକ ଆତ୍ମଜୀବନୀ ଲେଖିଥିଲି। ଯାହା ମୋତେ ଆତ୍ମସନ୍ତୋଷ ଦେଇଛି।

-ବନବିହାରୀ ବେହେରା





## ମୋ ଛାଇ

–ରଂଜିତ ସେନାପତି

ଯୁଆଡ଼େ ଗଲେ
ସବୁଠିଁ
ମୋ ଆଗ ପଛରେ ନାଚୁଥାଏ ଥେଇଥେଇ
ମୋ ନିଜର ଛାଇ
ତାଲୁରୁ ତଳିପା ଯାଏ
ଅବିକଳ ମୋ ପରି ଦିଶୁଥିବା ସେ ଛବିଟା
ସତେ ଯେମିତି
ମତେ ଅନୁସରଣ କରୁଥାଏ,
ବେତାଳ ପରି ମୋ କାନ୍ଧରେ ସବାର ହୋଇ !
ସବୁଠୁ କୌତୁକର କଥା ଏହା ଯେ
ପ୍ରତି ମୁହୂର୍ତ୍ତରେ
ବଦଳି ଯାଉଥିବା ତା' ଛବିର ଆକୃତି !
କେତେବେଳେ
ହଠାତ୍ ଲମ୍ବିଯାଏ ଉଛ ଉଛୁଳା ରବର ବଲ ପରି
ଆକାଶପାତାଳ ଖେଦି ତ
ପୁଣି କେତେବେଳେ କ୍ଷୁଦ୍ର, ସଂକୁଚିତ,ସଂକୀର୍ଣ୍ଣ
କେଉଁ ଚିତ୍ରକରଟିଏ ବି
ଆଙ୍କି ପାରିବନି ତା' ଛବି !
ବୁଝି ହୁଏନି
କେତେବେଳେ ତା'ର କେଉଁ ରୂପ
କେତେବେଳେ ନୀରବ ନିଃସ୍ପନ୍ଦ ତ
ପୁଣି କେତେବେଳେ ଲଙ୍ଗଳା ଛୁଆଙ୍କ ନାଚ
ଅଥଚ ମୁଁ ସେମିତି
ଆସ୍ଥାର ସହିତ ଠିଆ ହୋଇଥାଏ ତା' ପାଖରେ
ଶୁଣିଚି...
କେବେକେବେ ପାଉଁଶ ଭିତରୁ
ଚେଇଁ ଉଠିପାରେ ନିଆଁ
ପୁଣି କେବେ ଛାଇ ଭିତରୁ ବି
ଉଦ୍ଭାସିତ ହୋଇପାରେ ଗୋଟେ ଆଲୋକ
ଯିଏ ସୃଜିପାରେ
ଗୋଟେ ଭଂଗା ଦେହର ପ୍ରତିବିମ୍ବ,
ଜୀବନର ଉଦୟ ଉତ୍ସବ ।

*–କଷଣଅଣ୍ଟା, ପଟ୍ଟାମୁଣ୍ଡାଇ , ମୋ: ୮୯୧୭୫୬୮୧୮୦*

## ଓଠ

–ହରି ଚରଣ ଖଟୁଆ

ସରସ ସୁନ୍ଦର ଓଠ ଦୁଇଟିର ସନ୍ଧାନରେ ମୁଁ ଯେତେବେଳେ କ୍ଳାନ୍ତ, ସେଇ ଅଭାବନୀୟ ମୁହୂର୍ତ୍ତରେ ହିଁ ତୁମର ଆବିର୍ଭାବ । କଥା କହି ନ ପାରିବାର ଗ୍ଳାନିରେ ମୋତେ କୁହୁଳୁଥିବା ଦେଖି, ଓଠ ଦୁଇଟି ଦେବା ପାଇଁ ତୁମେ ରାଜି ହେଲ । ଆକସ୍ମିକ ସ୍ନେହସିକ୍ତ ଆଶ୍ୱାସନାଟିଏ ଲମ୍ବି ଆସିବ ପାପୁଲିକୁ, ଏଇ ଧାରଣା ଅନ୍ତତଃ ମୋର ନ ଥିଲା । ମନର କଥା କହି ଦେବା ପାଇଁ ଏବେ ଆଉ ପ୍ରତିବନ୍ଧକ ନାହିଁ । ହୃଦୟର ଆବେଗ, ଅନୁଭବକୁ ସଜେଇ ଦେଇ ବର୍ଣ୍ଣମାଳାରେ ପଠେଇ ଦେଲି ସୁହୃଦ୍‌ମାନଙ୍କ ପାଖକୁ । ଶୁଭେଚ୍ଛା ପତ୍ରରେ ଭରିଗଲା ଘର । ଶୁଭେଚ୍ଛା ସହ ସମସ୍ତଙ୍କର ସନ୍ଦେହ ବୋଳା ପ୍ରାୟ ସେଇ ଏକା ପ୍ରଶ୍ନ -- ଏଇ ଶବ୍ଦ ତକ ମୋତେ ମିଳିଲା କୋଉଠୁ ? କେଉଁ ପ୍ରେରଣା ଏତେ ବେଗବତୀ ଯେ ଫିଟେଇ ଦେଲା ମୋ ଆବେଗର ରୁଦ୍ଧ ଦୁଆର ?

ଶବ୍ଦରେ ଗୋଳି ହୋଇ ରହିଥିବା ବ୍ୟଥା କାହାର ? ବ୍ୟଞ୍ଜନା କାହାର ? ଅନୁରାଗ କାହାର ? ମୋର ତ ଏମିତି କଥାକୁହା ଓଠ ନ ଥିଲା , ଏଇ ଓଠ ଦୁଇଟି କାହାର ?

ସେମାନେ ମାନିବାକୁ ପ୍ରସ୍ତୁତ ନୁହନ୍ତି ଯେ ମୋର ଭାଷା ତକ ଏଇ ମାଟି, ପାଣି , ପବନର । ଆକାଶର, ଅନ୍ତରୀକ୍ଷର । ଜହ୍ନର, ଜ୍ୟୋସ୍ନାର । ଶ୍ରାବଣର, ଶିଶିରର । ଫୁଲର, ଫଗୁଣର । ପକ୍ଷୀର, ପ୍ରଜାପତିର । ଜୀବନର, ଯନ୍ତ୍ରଣାର ।

ମୋର କୈଫିୟତ ତାଙ୍କ ପାଇଁ ଯଥେଷ୍ଟ ନ ଥିଲା । ମୁଁ ବୁଝି ପାରୁ ନ ଥିଲି ଯେ, ସେମାନଙ୍କୁ ବୁଝେଇବି କେମିତି । କେମିତି ବୁଝେଇବି ଯେ ଭାଷା ତକ କାହାର, ଓଠ ଦୁଇଟି କାହାର ?


ସବୁ ପ୍ରଶ୍ନର କଣ ନିର୍ଦ୍ଦିଷ୍ଟ ଉତ୍ତର ଥାଏ ? ଯେମିତି ଏଇ ଆକାଶ କାହାର, ପବନ କାହାର, ପବନରେ ଥିବା ଅମ୍ଳଜାନ କାହାର ? ପୃଥିବୀର କେଉଁ ଅକ୍ଷାଂଶରେ ମା'ର ମମତା ସବୁଠୁ ବେଶୀ । କେତେ ଡିଗ୍ରୀ ଉତ୍ତାପରେ ହୃଦୟ ତରଳେ, କେତେ ଡିଗ୍ରୀରେ ଜମାଟ ବାନ୍ଧେ । କିଏ... କିଏ ଦେବ ଏହାର ଉତ୍ତର ?

ଏକ ଚିହ୍ନିତ ପରିସୀମା, ନିର୍ଦ୍ଦିଷ୍ଟ ନମ୍ବର ଦିଆ କୋଠରୀ ଆଉ ଖୁନ୍ଦାଖୁନ୍ଦି ସଂଶୟ ଭିତରେ ବଞ୍ଚୁଥିବା ମଣିଷକୁ କେମିତି ବୁଝେଇବି ଯେ ହୃଦୟର ବି ଦୁଇଟି ଓଠ ଥାଏ । କେମିତି ବୁଝେଇବି ଯେ ବେଳେ ବେଳେ ପ୍ରକୃତି ଓ ପ୍ରଜ୍ଞା ବି ଦେଇ ଯାଆନ୍ତି ଦୁଇଟି ଆଖି, ଦୁଇଟି ଓଠ ।

କମ୍ପ୍ୟୁଟର ସାହାଯ୍ୟରେ ଭଲ ମନ୍ଦ ବିଚାର କରୁଥିବା, ପଦ ପଦବୀ ଅନୁସାରେ ମଣିଷର ମାନ ନିରୂପଣ କରୁଥିବା ସୁହୃଦ୍‌ମାନଙ୍କ ପାଖରୁ କ'ଣ ବା ଅଧିକ ଆଶା କରାଯାଇପାରେ । ନିଷ୍ଠୁର ଭାବେ ଏତକ କହିବା ପାଇଁ ବାଧ୍ୟ ହେଉଛି, -- ତୁମର ପବିତ୍ର ଓଠ ଦୁଇଟି ଏବେ ଫେରେଇ ନିଅ ।

ଯନ୍ତ୍ର ଆଗରେ ହୃଦୟ
ମୁକୁଳେଇବାର ନିର୍ବୋଧତା
ପାଇଁ ମୋତେ କ୍ଷମା
କରିଦିଅ ।

*– ବରପାଲି*
*ମୋ: ୭୯୭୮୧୯୮୦୧୧*



# ଅଧା ରହିଗଲା ଆଶା

ଅଭିନୟରେ ରଶ୍ମିକା ମନ୍ଦାନା କେତେ ଦକ୍ଷ ତାହା ବର୍ଣ୍ଣନା କରିବା ଅନାବଶ୍ୟକ। ତେବେ ବଡ ପରଦାରେ ସେ ସିନା ନିଜକୁ ଜଣେ ଲୋକପ୍ରିୟ ଅଭିନେତ୍ରୀ ଭାବରେ ପରିଚିତ କରାଇ ପାରିଲେ ହେଲେ ତାଙ୍କର ଏକ ଆଶା ଅଧୁରା ରହିଯାଇଛି। ତାହା କ'ଣ ଜାଣନ୍ତି ? ଯେତେବେଳେ ସେ ପାଠ ପଢୁଥିଲେ ସେତେବେଳେ ତାଙ୍କର ଆଶା ଥିଲା ଭବିଷ୍ୟତରେ ଜଣେ ସାମ୍ବାଦିକା ହେବେ। ଏପରିକି ମାସ୍ କମ୍ୟୁନିକେଶନରେ ଡିଗ୍ରୀ ମଧ୍ୟ ହାସଲ କରିଛନ୍ତି। ହେଲେ ତାଙ୍କ ଭାଗ୍ୟରେ ଆଉ କିଛି ଲେଖାଥିଲା। ଏ ନେଇ ରଶ୍ମିକା କହନ୍ତି, '' ମାସ୍ କମ୍ୟୁନିକେଶନରେ ଡିଗ୍ରୀ ହାସଲ କରିବା ପରେ ସାମ୍ବାଦିକତା କରିବାକୁ ମୋର ଆଶା ଥିଲା। କିନ୍ତୁ ତାହା ପୂରଣ ହୋଇପାରିଲା ନାହିଁ। ଯାହାହେଉ ଅଭିନୟକୁ କ୍ୟାରିୟର କରିବାକୁ ସ୍ଥିର କରିବା ପରେ ମୋର ନିଷ୍ପତ୍ତି ଠିକ୍ ଥିଲା ବୋଲି ଏବେ ପ୍ରମାଣିତ ହୋଇଛି।'' ପଢା ଶେଷ ହେବା ପରେ ରଶ୍ମିକା ମଡେଲିଂ ଆରମ୍ଭ କରିଥିଲେ। ଏକ ବିଜ୍ଞାପନରେ ତାଙ୍କୁ ଦେଖିବା ପରେ କନ୍ନଡ ନିର୍ଦ୍ଦେଶକ ରିଷବ ସେଟ୍ଟି ତାଙ୍କୁ ବଡ ପରଦାରେ ଅଭିନୟ କରିବାକୁ ଅଫର ଦେଇଥିଲେ। ଶେଷରେ ତାଙ୍କ ନିର୍ଦ୍ଦେଶିତ ଏବଂ ଅଭିନୀତ କନ୍ନଡ ଫିଲ୍ମ 'କିର୍‌କି ପାର୍ଟି'ରୁ ରଶ୍ମିକା ନିଜର ବଡ ପରଦା କ୍ୟାରିୟର ଆରମ୍ଭ କରିଥିଲେ। ୨୦୨୨ରେ ବିକାଶ ବହଲଙ୍କ ନିର୍ଦ୍ଦେଶିତ ହିନ୍ଦୀ ସିନେମା 'ଗୁଡବାୟ'ରୁ ସେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ।


ରଶ୍ମିକା

# ଅନୁରାଗଙ୍କ ପ୍ରଶଂସାରେ ମୋନିକା


ମୋନିକା

ମୋନିକା ପଁୱାର ଏବେ ନିର୍ଦ୍ଦେଶକ ଅନୁରାଗ ବସୁଙ୍କ ପ୍ରଶଂସାରେ ଶତମୁଖ। କାରଣ କ'ଣ ଜାଣନ୍ତି। ଅନୁରାଗଙ୍କ ନିର୍ଦ୍ଦେଶିତ 'ନିଶାଞ୍ଚି' ଆସନ୍ତା ମାସ ୧୯ରେ ରିଲିଜ ହେବାକୁ ଯାଉଛି। ଏହି ଫିଲ୍ମରେ ଏକ ମନଲାଖି ଭୂମିକାରେ ସେ ଅଭିନୟ କରୁଛନ୍ତି। ଏ ବିଷୟରେ ମୋନିକା କହନ୍ତି, ''ଯେତେବେଳେ ଅନୁରାଗ ସାର୍ ମୋତେ ଏ ନେଇ ଯୋଗାଯୋଗ କଲେ ସେତେବେଳେ ମୁଁ କିଛି ଚିନ୍ତା ନ କରି ହଁ ଭରିଥିଲି। କାରଣ ତାଙ୍କ ନିର୍ଦ୍ଦେଶନାରେ କାମ କରିବାର ମଜା ଅଲଗା। ଏହି ଫିଲ୍ମର ଶୁଟିଂ ସମୟରେ ମୁଁ ଆକ୍ଟିଂ ବିଷୟରେ ତାଙ୍କ ନିକଟରୁ ଅନେକ କିଛି ଶିଖି ପାରିଛି। ଏ ନେଇ ତାଙ୍କୁ ଯେତେ ଧନ୍ୟବାଦ ଦେବି ତାହା କମ୍ ହେବ।'' ଜାର୍ ପିକ୍ଚର୍ସ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ଅଜୟ ରାଇ ଏବଂ ରଞ୍ଜନ ସିଂ। ଖାସ୍ କଥା ହେଲା, ଏହି କ୍ରାଇମ୍ ଥ୍ରୀଲରରେ ଐଶ୍ୱର୍ଯ୍ୟା ଠାକ୍‌ରେ ନିଜର ବଲିଉଡ୍ ଡେବ୍ୟୁ କରୁଛନ୍ତି। କେବଳ ସେତିକି ନୁହେଁ, ଏହି ଫିଲ୍ମରେ ସେ ଡବଲ ରୋଲରେ ଅଭିନୟ କରିଛନ୍ତି। ଦୁଇ ଭାଇ କିପରି ଭିନ୍ନ ରାସ୍ତାର ଯାତ୍ରୀ ଏବଂ ଏହାର ଶେଷ ପରିଣାମ କ'ଣ ହେଉଛି ତାହା ଏହି ଫିଲ୍ମରେ ଦର୍ଶକ ଦେଖିବାକୁ ପାଇବେ। ଉତ୍ତରାଖଣ୍ଡରେ ଜନ୍ମିତା ମୋନିକା ଜଣେ ଥିଏଟର ଅଭିନେତ୍ରୀ। ପ୍ରଥମେ କେତୋଟି ୱେବ୍ ସିରିଜ୍‌ରେ ସେ ଅଭିନୟ କରିଥିଲେ। 'ଜମତାରା : ସବ୍‌କା ନମ୍ବର ଆୟେଗା' ୱେବ୍ ସିରିଜ୍ ତାଙ୍କୁ ବେଶ୍ ମାଇଲେଜ ଦେଇଥିଲା।

# କଥା ପରିବାରର

ପରିବାର କେମିତି ଖୁସିର ମାହୋଲ ଭିତରେ ରହୁ ତାହା କିଏ ବା ନ ଚାହେଁ ? ହେଲେ ସବୁବେଳେ ତାହା ସମ୍ଭବ ହୋଇ ନ ଥାଏ। କାହାଣୀ ଅନୁସାରେ ଏକ ପରିବାରର ସଦସ୍ୟମାନେ ପରସ୍ପର ସହ ସହଯୋଗରେ ରହିବା ସହ ଖୁସିରେ ସମୟ କଟାଉ ଥାଆନ୍ତି। ହେଲେ ହଠାତ୍, ଏକ ଅଦିନିଆ ଝଡ ମାଡିଆସେ। ଆଉ ତା'ପରେ କ'ଣ ହୁଏ ? ପରିବାରଟି ସେଥିରୁ ମୁକୁଳି ପାରେ କି ? ଏମିତି ଅନେକ ଅସମାଧିତ ପ୍ରଶ୍ନଗୁଡିକର ଉତ୍ତର ଏଥିରେ ରହିଛି। ଆଉ ଏହାକୁ ଆଧାର କରି ନିର୍ମିତ ହୋଇଛି ଏକ ଭିନ୍ନ ଧରଣର ଓଡିଆ ସିନେମା 'ଆଫା'। ଏହାର କାହାଣୀରେ ଅଙ୍ଗଦାନ ବିଷୟ ମଧ୍ୟ ସ୍ଥାନିତ ହୋଇଛି। ଓଡ଼ିଆ ସିନେମା 'ମାଇଁ ସୁଇଟ୍ ହାଉସୱାଇଫ'ର ସଫଳତା ପରେ ପ୍ରୀତିରାଜ-ନୈନା ଦାଶଙ୍କୁ ନେଇ ପୁଣି ଏକ ଫିଲ୍ମ ପ୍ରସ୍ତୁତ ହୋଇଛି। ମାଇଁଷ୍ଟିକ କ୍ଲ କ୍ଲାପେସ ବ୍ୟାନରରେ ଉକ୍ତ ଚିତ୍ରର ପ୍ରଯୋଜନା କରାଯାଇଛି। ନିର୍ଦ୍ଦେଶନା ଦେଇଛନ୍ତି 'ଚକ୍ରବ୍ୟୁହ୍ୟ' ଫେମ୍ ରାଜେନ୍ଦ୍ର ମହନ୍ତ। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ପ୍ରେମ ଆନନ୍ଦ। ଖାସ୍ କଥା ହେଲା ଏହାର ଆସୋସିଏଟ୍ ନିର୍ଦ୍ଦେଶକ ଅଛନ୍ତି ପ୍ରୀତିରାଜ। ସଂଳାପ ରଚନା କରିଛନ୍ତି କୁନା ତ୍ରିପାଠୀ। ପ୍ରୀତିରାଜ ଏବଂ ନୈନାଙ୍କ ବ୍ୟତୀତ କୁନା ତ୍ରିପାଠୀ, ହର ରଥ, ଧରିତ୍ରୀ ଖଣ୍ଡୁଆଳ, ରବି ମିଶ୍ର ଏବଂ ନିର୍ଦ୍ଦେଶକ ଅଶୋକ ପତିଙ୍କ ଝିଅ ଅନମୋଲ ପତି ଶିଶୁ କଳାକାର ଭାବରେ ଅଭିନୟ କରିଛନ୍ତି।


ପ୍ରୀତିରାଜ

# ଦିନ ଗଣୁଛନ୍ତି ଜାହ୍ନବୀ

ଜାହ୍ନବୀ ଏବେ ଦିନ ଗଣିବା ଆରମ୍ଭ କରିଦେଲେଣି। କାରଣ ଶୁଭ ଦିନଟି ଆସିବାକୁ ଆଉ ଦିନ କେଇଟା ବାକି ରହିଛି। ସେହି ସମୟ ଯେତେ ପାଖେଇ ଆସୁଛି ତାଙ୍କର ଉତ୍କଣ୍ଠା ସେତେ ବଢ଼ି ବଢ଼ି ଚାଲିଛି। ହେଲେ ସେହି ଶୁଭ ଦିନଟି କ'ଣ ଜାଣିବେନି ? କଥା କ'ଣ କି ଚଳିତ ମାସ ୨୯ରେ ରିଲିଜ ହେବାକୁ ଯାଉଛି ଏକ ନୂଆ ହିନ୍ଦୀ ସିନେମା 'ପରମ ସୁନ୍ଦରୀ'। ଆଉ ଏହାର ଟାଇଟଲ ଭୂମିକାରେ ଜାହ୍ନବୀ ଅଭିନୟ କରିଛନ୍ତି। କେବଳ ସେତିକି ନୁହେଁ, ଏହି ଫିଲ୍ମଟିର ସଫଳତାକୁ ନେଇ ସେ ବେଶ୍ ଆଶା ରଖିଛନ୍ତି। ଏ ବିଷୟରେ ସେ କହନ୍ତି, ''ଯେତେବେଳେ ଏହି ସିନେମା ମୁଁ ସାଇନ୍ କଲି ସେତେବେଳେ ଏହାର କାହାଣୀ ମୋତେ ବେଶ୍ ଇମ୍ପ୍ରେଶ କରିଥିଲା। ତା'ସହ ମୋ ଭୂମିକା ମଧ୍ୟ କୌଣସି ଗୁଣରେ କମ୍ ନୁହେଁ। ଏଥିରେ ମୋ ନାୟକ ଭୂମିକାରେ ଅଭିନୟ କରିଛନ୍ତି ସିଦ୍ଧାର୍ଥ ମାଲହୋତ୍ରା। ଚଳିତ ମାସ ୨୯ରେ ଏହାର ରିଲିଜ ହେବାକୁ ଯାଉଛି। ଫିଲ୍ମଟିକୁ ଦର୍ଶକ ଗ୍ରହଣ କରିବେ ବୋଲି ମୋର ଦୃଢ଼ ଆଶା ରହିଛି।'' ଏହି ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ତୁଷାର ଜଲୋଟା। ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ସଚିନ-ଜିଗର। ତେବେ ଫିଲ୍ମଟି କେତେ ଦର୍ଶକାଦୃତ ହେଉଛି ତାହା ରିଲିଜ ପରେ ହିଁ ଜଣାପଡିବ।


ଜାହ୍ନବୀ

# ଆସିଛି ଭଲ ବେଳା

ତ୍ରିପ୍ତି ଡିମରିଙ୍କ ଖୁସି ଏବେ କହିଲେ ନ ସରେ। କାରଣ ପଛକୁ ପଛ ସେ ସଫଳତା ହାସଲ କରିବାରେ ସକ୍ଷମ ହୋଇଛନ୍ତି। ଯାହାହେଉ କିଛି ବର୍ଷ ଅପେକ୍ଷା କରିବା ପରେ ବଲିଉଡ୍‌ରେ ତାଙ୍କ ଭାଗ୍ୟ ଖୋଲିଛି। ତ୍ରିପ୍ତିଙ୍କ ଅଭିନୟ ଜୀବନ ଆରମ୍ଭ ହୋଇଥିଲା ୨୦୧୮ରେ। ସେହି ବର୍ଷ ତାଙ୍କ ଅଭିନୀତ 'ଲୈଲା ମଜ୍‌ନୁ' ରିଲିଜ ହୋଇଥିଲା। କିନ୍ତୁ ନିଜର ଡେବ୍ୟୁ ଫିଲ୍ମରେ ତାଙ୍କୁ ଏତେଟା ସଫଳତା ମିଳି ନ ଥିଲା। ଠିକ୍ ଏହାର ଦୁଇ ବର୍ଷ ପରେ ସେ ଅଭିନୟ କରିଥିବା ଆଉ ଏକ ସିନେମା 'ବୁଲ୍‌ବୁଲ୍' ପରଦା ଉପରକୁ ଆସିଥିଲା। ଏହି ଫିଲ୍ମଟି ଦର୍ଶକାଦୃତ ହେବା ପରେ ହିନ୍ଦୀ ସିନେମାରେ ନିଜର କ୍ୟାରିୟରକୁ ନେଇ ଆହୁରି ଆଶା ବାନ୍ଧିଥିଲେ ଏହି ଅଭିନେତ୍ରୀ। 'ବୁଲ୍‌ବୁଲ୍' ଏବଂ 'କ୍ୱାଲା' (୨୦୨୨) ପାଇଁ ତାଙ୍କୁ ସମ୍ମାନଜନକ ଫିଲ୍ମଫେୟାର ଓଟିଟି ପୁରସ୍କାର ମିଳିଥିଲା। ୨୦୨୩ରେ 'ଆନିମଲ୍' ସୁପରହିଟ୍ ହେବା ପରେ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ଏହି ଫିଲ୍ମ ପାଇଁ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ ଭାବରେ ଫିଲ୍ମଫେୟାର ପୁରସ୍କାର ମିଳିଥିଲା। ଶ୍ରୀ ଅରବିନ୍ଦ କଲେଜରୁ ମନସ୍ତତ୍ତ୍ୱବିଜ୍ଞାନରେ ଡିଗ୍ରୀ ହାସଲ କରିବା ପରେ ପୁନେସ୍ଥିତ ଫିଲ୍ମ ଇନଷ୍ଟିଚ୍ୟୁଟ୍ ଅଫ ଇଣ୍ଡିଆରୁ ଆକ୍ଟିଂ କୋର୍ସ କରିଥିଲେ। ଚଳିତ ମାସ ୧ ତାରିଖରେ ସାଜିଆ ଇକବାଲ୍‌ଙ୍କ ନିର୍ଦ୍ଦେଶିତ ଏବଂ ତ୍ରିପ୍ତି ଅଭିନୀତ 'ଧଡକ୍-୨' ରିଲିଜ ହୋଇଛି। ଫିଲ୍ମଟିକୁ ପ୍ରାରମ୍ଭିକ ସଫଳତା ମିଳିସାରିଛି। ଅନ୍ୟପକ୍ଷରେ ଚଳିତ ବର୍ଷ ସେ ଅଭିନୟ କରିଥିବା ଆଉ ଏକ ହିନ୍ଦୀ ସିନେମା 'ରୋମିଓ' ରିଲିଜ ହେବାର ଯୋଜନା ରହିଛି।


ତ୍ରିପ୍ତି

# ବ୍ୟାକ୍‌ଗ୍ରାଉଣ୍ଡ ଡ୍ୟାନ୍ସରରୁ ଅଭିନେତା


ଶାହୀଦ

ଅଭିନୟ କରିବାକୁ ଅନେକେ ଆଶା ରଖିଥାଆନ୍ତି। କେତେକଙ୍କୁ ଏଥିପାଇଁ ବହୁତ ପରିଶ୍ରମ କରିବାକୁ ପଡିଥାଏ। ବିଶିଷ୍ଟ ଅଭିନେତା ତଥା ନିର୍ଦ୍ଦେଶକ ପଙ୍କଜ କପୁରଙ୍କ ପୁଅ ହୋଇ ମଧ୍ୟ ଶାହୀଦଙ୍କୁ ପ୍ରାରମ୍ଭିକ ଅବସ୍ଥାରେ ଅନେକ ବାଧାବିଘ୍ନର ସାମନା କରିବାକୁ ପଡିଥିଲା। ଅନେକ ସିନେମାରେ ଅଭିନୟ କରିବାକୁ ଅଫର ମିଳିଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ସେଗୁଡିକ କ୍ୟାନ୍‌ସେଲ ହୋଇଯାଉଥିଲା। ଏପରିକି ପ୍ରଥମ ସିନେମା 'ଇସ୍କ ଭିସ୍କ'ରେ ଆକ୍ଟିଂ କରିବା ପୂର୍ବରୁ ସେ ପ୍ରାୟ ୯୦ଟି ସିନେମାରେ ଅଭିନୟ କରିବାକୁ ଅଫର ପାଇଥିଲେ ହେଁ ସେଗୁଡିକ କେବଳ ଅଫର୍‌ରେ ହିଁ ରହିଯାଇଥିଲା। ତା'ପରେ ସେ 'ତାଲ୍', 'ଦିଲ୍ ତୋ ପାଗଲ ହୈ' ପରି ହିଟ୍ ସିନେମାରେ ଜଣେ ବ୍ୟାକ୍‌ଗ୍ରାଉଣ୍ଡ ଡ୍ୟାନ୍ସର ଭାବରେ ନାଚିଥିଲେ। ୨୦୦୩ରେ ପ୍ରଯୋଜକ ରମେଶ ତୌରାନି ଏକ ଟିନ୍‌ଏଜ୍ ରୋମାଣ୍ଟିକ ଫିଲ୍ମ 'ଇସ୍କ ଭିସ୍କ' ପାଇଁ ଜଣେ ନୂଆ ମୁହଁ ଖୋଜୁଥାଆନ୍ତି। ଯାହାହେଉ ଶେଷରେ ଏହି ଅଫିର୍‌ଟି ତାଙ୍କ ପାଇଁ ଶୁଭପ୍ରଦ ସାବ୍ୟସ୍ତ ହୋଇଥିଲା। କେବଳ ସେତିକି ନୁହେଁ, ପ୍ରଥମ ସିନେମା ହିଁ ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହେବା ସହ ବଲିଉଡ୍‌ରେ ଶାହୀଦଙ୍କ ଭାଗ୍ୟ ଖୋଲିଗଲା।

## ପ୍ରଥମ ରୋଜଗାର



ଲେଖକ ଅବନୀ କୁମାର ମିଶ୍ର ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ମୋ ପ୍ରଥମ ରୋଜଗାର ବୋଉ ଆଖିରେ ଲୁହ ଆଣି ଦେଇଥିଲା

ସେତେବେଳେ ମୁଁ ଯୁକ୍ତ ତିନି ପଢୁଥାଏ। ଆମ ଘର ପାଖରେ ବଡ଼ ଭାଇ ଗୋଟିଏ ଚୁଡ଼ି ଓ ଷ୍ଟେସନାରୀ ଦୋକାନ କରିଥାଏ। ସେଇ ଦୋକାନ ଖୋଲିବା ପଛରେ ବୋଉର ଭୂମିକା ବି ଥିଲା ଯଥେଷ୍ଟ। କିନ୍ତୁ ଦୋକାନଟି ସେତେ ଭଲ ଚାଲୁ ନଥିବା ଯୋଗୁ ଭାଇ ତା' ଇଚ୍ଛାରେ ଦୋକାନ ଖୋଲେ ଆଉ ବନ୍ଦ କରେ। ସମୟକ୍ରମେ ଦୋକାନ ଖୋଲିବା ଓ ବନ୍ଦ କରିବାର ସମୟ ନିର୍ଘଣ୍ଟ ସେମିତି କିଛି ରହିଲାନି। ହଠାତ୍ ଦିନେ ସନ୍ଧ୍ୟାରେ ମୁଁ ବାହାରୁ ଘର ଭିତରକୁ ପସିଲା ବେଳକୁ ମୋ ପାଇଁ ଅପରିଚିତ ବ୍ୟକ୍ତି ଜଣେ ବାହାର ଦୁଆରେ ଠିଆ ହୋଇ ବୋଉ ସଙ୍ଗେ କ'ଣ କଥା ହେଉଥାନ୍ତି। ସେତେବେଳେ ବୋଉ ମଧ ବେଶ୍ ଗୁମ୍‌ସୁମ୍ ହୋଇ ପଡ଼ିଥାଏ। ପରେ ପରେ ବୋଉ ଓ ସେ ଭଦ୍ର ବ୍ୟକ୍ତିଙ୍କ ମଧ୍ୟରେ ଟିକେ କଥା କଟାକଟି ହେଲା। ଏହି ସମୟରେ ବଡ ଭାଇ ଘର ଭିତରୁ ବାହାରି ଚାବି ପେଣ୍ଡାଟିଏ ସେହି ଭଦ୍ର ବ୍ୟକ୍ତିଙ୍କ ହାତକୁ ଧରାଇଦେଲା। ଏହା ଦେଖି ବୋଉ ଜୋର୍‌ରେ କାନ୍ଦି ଉଠିଲା। ମୁଁ କିଛି ବୁଝିପାରୁ ନଥିଲେ ବି ବୋଉର କାନ୍ଦ ଦେଖି ତା'ପାଖକୁ ପଳାଇ ଆସି ତାକୁ ଟିକେ ଧରି ପକାଇଲି। ସେ ଆହୁରି ଜୋର୍‌ରେ କାନ୍ଦିଲା। ବୋଉକୁ ଶାନ୍ତ କରାଇ ଅସଲ କଥା ସମ୍ପର୍କରେ ପଚାରିଲି। ବୋଉ କାନ୍ଦି କାନ୍ଦି କହିଲା, 'ତୋ ଭାଇ ଦୋକାନ ବିକି ଦେଉଛି'। କେଡ଼େ କଷ୍ଟରେ କରାଇଥିଲି। ମୋ ଆଖି ଆଗରେ ଦୋକାନକୁ ବିକି ଦେବ। ମୁଁ ସମ୍ଭାଳି ପାରୁନି। ଏ ଦୁଃଖଟା ବୋଉର ହୃଦୟରୁ ବାହାରୁଥିଲା। ବୋଉର କାନ୍ଦ ଦେଖି ମୁଁ କିଛି ଆଗପଛ ନ ଭାବି ସେହି ଭଦ୍ର ବ୍ୟକ୍ତିଙ୍କ ହାତରୁ ଚାବିଟି ନେଇ ଆସିଲି। ଆଉ ମୁଁ ଦୋକାନ ଦେଖିବି ବୋଲି କହି ବୋଉ ମନରେ ଆଶା ସଂଚାର କଲି। ବୋଉ ବି ବେଶ୍ ଖୁସି ହେବାର ଅନୁଭବ କଲି। ତା'ପରେ ଦୋକାନ ଦାୟିତ୍ୱ ଯେତେବେଳେ ନେଲି ସତକୁ ସତ ଦେଖିଲି ଦୋକାନରେ ସେମିତି କିଛି ବେଶି ଜିନିଷ ନାହିଁ କି ବିକ୍ରି ବଟା ମଧ ସେମିତି ହେଉ ନାହିଁ। ମୋତେ ବି ଦୋକାନରେ ବସିବାକୁ ଭଲ ଲାଗିଲାନି। ପରେ ଦୋକାନ କେମିତି ଚାଲିବ ସେଥିପାଇଁ ନନାଙ୍କ ସଙ୍ଗେ ପରାମର୍ଶ କରି ତାଙ୍କଠାରୁ ୨୫ ହଜାର ଟଙ୍କା ଆଣି ଅଳ୍ପ ଅଳ୍ପ କରି ସବୁ ଭେରାଇଟିର ଜିନିଷ ଆଣି ଦୋକାନ ଥାକରେ ଭର୍ତ୍ତି କରିଦେଲି। ଦୋକାନ ମଧ ପୁରିଲା ପୁରିଲା ହୋଇ ବେଶ ସୁନ୍ଦର୍ ଦିଶିଲା। ଦୋକାନର କିଛି ଦୂରରେ ମହିଳା ମହାବିଦ୍ୟାଳୟ ଥିବାରୁ ଧିରେ ଧିରେ କଲେଜ ଛାତ୍ରୀମାନେ ସେହି ରାସ୍ତା ଦେଇ ଯିବାବେଳେ ଦୋକାନକୁ ଆସି ବିଭିନ୍ନ ଜିନିଷ କିଣିବାକୁ ଲାଗିଲେ। ଏମିତି ହେଲା ଯେ, ଗୋଟିଏ ଦିନରେ ମୁଁ ପ୍ରାୟ ପାଞ୍ଚ ହଜାର ଟଙ୍କାର ଜିନିଷ ବିକ୍ରି କରିଦେଲି। ସେଦିନ ବାରମ୍ବାର ଡ୍ରକୁ ଖୋଲି ଦେଖୁଥାଏ ଓ ମନେ ମନେ ଭାରି ଖୁସି ହେଉଥାଏ। ରାତିରେ ସେଥିରୁ ଦୁଇ ହଜାର ଟଙ୍କା ଆଣି ବୋଉ ହାତରେ ଦେଇ କହିଲି, 'ନେ ବୋଉ ତୋ ମନ ଖୁସିରେ ଲୁଗାଟିଏ କିଣି ଆଣିବୁ।' ପଇସା ଦେଖି ବୋଉ ଖୁସିରେ କାନ୍ଦି ପକାଇଲା। ବୋଉ ଆଖିର ଲୁହ ଦେଖି କେତେବେଳେ ମୋ ଆଖିରୁ ବି ଲୁହ ବାହାରି ଆସି ମୋ ଓଠକୁ ଓଦା କରି ସାରିଥିଲା ଜାଣି ପାରିଲିନି। ଆଜି ମୋ ପାଖରେ କି ଏ ଦୁନିଆରେ ବୋଉ ସିନା ନାହିଁ ହେଲେ ତା'ର ପ୍ରତିଟି ସ୍ମୃତି ଏମିତି କେତେବେଳେ ଶବ୍ଦ ଆକାରରେ ହେଉ କି ଭାବରେ ମୋ ଭିତରକୁ ଆସି ମୋତେ ଭିଜେଇ ଦେଉଛି।

# ମନକୁ ମନ ଭାବଇ ରଜା, ଚୋରା ପୀରତିରେ ନ ଥାଏ ମଜା

**ପ୍ରଶ୍ନ**—ମୁଁ ଜଣେ ଝିଅକୁ ଲୁଚି ଲୁଚି ଭଲ ପାଉଛି। ତା' ସହ ଆଖି ମିଶାଇଲେ ଲାଗୁଛି ସେ ମଧ ମୋତେ ପ୍ରେମ କରୁଛି। ହେଲେ ଏହି ପ୍ରେମ କେତେ ମଜଭୁତ ତାହା ଜାଣିପାରୁନି ?

—ତନ୍ମୟ ସାହୁ, ବଲାଙ୍ଗୀର

**ଉତ୍ତର:** ଆପଣ ପ୍ରେମ କରୁଛନ୍ତି, ହେଲେ ତାହା ମଜଭୁତ କି ନାହିଁ ତାହା ଜାଣିପାରୁନାହାନ୍ତି। ପ୍ରେମକୁ ବୋଧେ ପାର୍ଟ ଟାଇମ ବୋଲି ଭାବିଛନ୍ତି। ଯେଉଁ ପ୍ରେମରେ ଦରଜ ନାହିଁ, ଚାହାଣୀରେ ଭଲ ପାଇବାର ଆଭାସ ନାହିଁ, ସେଭଳି ପ୍ରେମ କରି ଲାଭ କ'ଣ ? 'ମନକୁ ମନ ଭାବଇ ରଜା, ଚୋରା ପୀରତିରେ ନ ଥାଏ ମଜା'। ତେଣୁ ପ୍ରଥମେ ଦୁହିଁଙ୍କ ଭିତରେ ଯଦି ପ୍ରକୃତରେ ଇଲୁ ଇଲୁ ଚାଲିଛି ତାହାର ଫାଉଣ୍ଡେସନ ଦୃଢ଼ ହେବା ଦରକାର। ନ ହେଲେ କେତେବେଳେ ସେହି ପ୍ରେମର ମୀନାର ଭୁଷୁଡି ପଡି ମାଟିରେ ମିଶିଯିବ ତାହା ଜାଣିପାରିବେ ନାହିଁ।

**ପ୍ରଶ୍ନ**—କହିବେ କି ସାଥୀ, ପ୍ରେମର ପୂର୍ଣ୍ଣତା କ'ଣ ବିବାହରେ ହୋଇଥାଏ ?

—ଦିବ୍ୟ ରାୟ, ସମ୍ବଲପୁର

**ଉତ୍ତର:** ପ୍ରେମ ଯଦି ଠିକ୍ ଠାକ୍ ଚାଲିଲା ତେବେ ଏହାର ଶେଷ ହୁଏତ ବିବାହରେ ହୋଇପାରେ। ପ୍ରେମ କରିବା ସମୟରେ ଏହା ଉପରେ ପ୍ରେମୀଯୁଗଳଙ୍କର କେତେ ଭରସା ରହିଛି ତାହା ହିଁ ପ୍ରେମକୁ ଆହୁରି ଦୃଢ଼ କରିଥାଏ। ଆଉ ଯଦି ପ୍ରେମ ଟାଇମ ପାସ୍ ହୁଏ, ତେବେ ସେଭଳି ପ୍ରେମ କରିବା ଯାହା ମରିଚିକା ପଛରେ ଗୋଡାଇବା ସେଇଆ। ତେଣୁ ଯଦି ଆପଣଙ୍କ ପ୍ରେମ ନିର୍ମଳ ତେବେ ତାହାର ଦି ଏଣ୍ଡ ବିବାହରେ କଲେ ଏହାର ମଜା ଦ୍ୱିଗୁଣିତ ହୋଇଯାଇଥାଏ।

**ପ୍ରଶ୍ନ**—ଯେଉଁ ଝିଅ ଲାଜେଇ ଲାଜେଇ ଚାହେଁ, ସେଥିରେ କ'ଣ ପ୍ରେମ ଲୁଚି ରହିଥାଏ ?

—ସନାତନ ସାହୁ, କେନ୍ଦ୍ରାପଡା

**ଉତ୍ତର:** ଜଣେ ସୁନ୍ଦରୀର ଲାଜୁଆ ଚାହାଣୀରେ ଅନେକ କଥା ଲୁଚି ରହିଥାଏ। କାରଣ ସେହି ଚୋରା ଚାହାଣୀକୁ ଯଦି ଠିକ୍ ଭାବରେ ପଢ଼ି ପାରିଲେ ତେବେ ସେଥିରୁ କିଛି ଜାଣିପାରିବେ। କାରଣ 'ମନମୋହିନୀର ଚୋରା ଚାହାଣୀ, ଚାହାଣୀ କହୁଛି ପ୍ରେମ କାହାଣୀ।' ସେହି ଲାଜକୁ ଯଦି ତର୍ଜମା କରି ତାହାର ଅସଲ ଅର୍ଥ ଜାଣିସାରିଲେଣି, ତେବେ ବିଳମ୍ବ କରିବାର କିଛି ଆବଶ୍ୟକତା ନାହିଁ। ବେଳକାଳ ଦେଖି ଏମିତି ତୀର ମାରନ୍ତୁ ଯେ ଯେମିତି ଏକାଥରେ ସେ ସୁନ୍ଦରୀ ହୃଦୟର ଗୋଟିଏ କୋଣରେ ଆପଣ ପରମାନେଣ୍ଟ ଘର କରିପାରିବେ।

**ପ୍ରଶ୍ନ**—ମୁଁ କଲେଜରେ ପଢ଼ିବା ସମୟରେ ଜଣେ ଝିଅ ପ୍ରେମରେ ପଡିଯାଇଥିଲି। ଏବେ ସେ ମୋତେ ଧୋକା ଦେଇ ଚାଲିଗଲା। ମୁଁ ଏବେ କ'ଣ କରିବି ?

—ସୁମନ, କେନ୍ଦୁଝର

**ଉତ୍ତର:** ଯେତେବେଳେ ସେହି ସୁନ୍ଦରୀ ପ୍ରେମରେ ପଡିଗଲେ, ସେତେବେଳ ସେପଟୁ ଗ୍ରୀନ୍ ସିଗନାଲ୍ ଥିଲା ତ ? ଯଦି ନ ଥିଲା ତେବେ ଆପଣ ବୋଧହୁଏ ଏକତରଫା ପ୍ରେମ କରୁଥିଲେ। କାରଣ କଲେଜ ପଢ଼ିବାର ପ୍ରଥମ ପାହାଚରେ ମନ ଖାଲି ପ୍ରେମ କରିବାକୁ କୁତୁକୁତୁ ହେଉଥାଏ। ସେତିକିବେଳେ ଯଦି ନବୁଝି ରଂ ନମ୍ବର ଡାଏଲ କରିଦେଲେ ତେବେ ତାହାର ଫଳ ଆପଣ ହିଁ ଭୋଗିବେ। ଏବେ ତ ସେ ଝିଅ ଆପଣଙ୍କୁ ଧୋକା ଦେଇ ଚାଲିଗଲାଣି। ତେଣୁ ଆଉ ସେ ବିଷୟରେ ଚିନ୍ତା କରି କିଛି ଲାଭ ନାହିଁ। ବୋହି ଯିବା ପାଣି ଏବଂ ଧନୁରୁ ତୀର ଖସିଯିବା ପରେ ତାହା କ'ଣ କେବେ ଫେରିଆସେ ? ତେଣୁ ସେପରି ପ୍ରେମ ଆଉ ପ୍ରେମିକାକୁ ଯେତେ ଶୀଘ୍ର ଭୁଲିଯିବେ ତାହା ଆପଣଙ୍କ ପାଇଁ ଭଲ ହେବ।

**ପ୍ରଶ୍ନ**—ଜଣେ ଝିଅକୁ ମୋ ମନର କଥା ଅନେକ ଥର କହିସାରିଲିଣି। ସେ ଶୁଣି ହସି ଦେଉଛି। କ'ଣ କରିବି ?

—ପ୍ରତାପ କୁମାର ନାୟକ, ବାଲେଶ୍ୱର

**ଉତ୍ତର:** ଆପଣଙ୍କ ପ୍ରଶ୍ନରୁ ଯାହା ଜଣାପଡୁଛି, ଦୁଇ ପଟରୁ ଗ୍ରୀନ୍ ସିଗନାଲ ରହିଛି। ହେଲେ ତା'ପରେ କ'ଣ କରିବେ ଜାଣିପାରୁନାହାନ୍ତି, ଏଇଆ ତ ? କଥାରେ ଅଛି ସମଝଦାର୍ ଆଦମୀକୋ ଇସାରା କାଫି ହୈ'। ତେଣୁ ବିଳମ୍ବ ନ କରି ଆଗକୁ ପାଦ ପକାନ୍ତୁ। ନ ହେଲେ ଏହି ପ୍ରେମ କେତେବେଳେ ତାହାର ଗତିପଥ ବଦଳାଇ ଦେବ ତାହା ନିଜେ ଜାଣିପାରିବେ ନାହିଁ। ତେଣୁ ସମୟ ସୁବିଧା ଦେଖି ବହି ଫିଟ୍ କରିଦିଅନ୍ତୁ।

ସାଥୀ



# କୋଟପାଡ଼ ଆମ ପରିଚୟ



**ଶା**ଢ଼ି ନାରୀ ସୌନ୍ଦର୍ଯ୍ୟକୁ କରେ ଦ୍ୱିଗୁଣିତ । ଯେଉଁମାନେ ଶାଢ଼ିପ୍ରିୟ ସେମାନେ ବିଭିନ୍ନ ଡିଜାଇନ୍ ଆଉ ବିଭିନ୍ନ ଧରଣର ଶାଢ଼ି ପିନ୍ଧିବାକୁ ପସନ୍ଦ କରନ୍ତି । ତେବେ ବିଭିନ୍ନ ଶାଢ଼ି ଭିତରେ ହସ୍ତତନ୍ତ ଶାଢ଼ିର ଲୋକପ୍ରିୟତା ଏବେ ବିଶେଷଭାବରେ ବଢ଼ିଛି । ଆଉ ହସ୍ତତନ୍ତ ଶାଢ଼ି କଥା ଆସିଲେ ଓଡ଼ିଶାର ହସ୍ତତନ୍ତ ଶାଢ଼ିର ନାମ ସ୍ୱତନ୍ତ୍ର । ଯାହା ମଧ୍ୟରେ ଏକ ଶାଢ଼ି ହେଲା ‘‘କୋଟପାଡ଼’’, ଯାହାର ଲୋକପ୍ରିୟତା ଏବେ କେବଳ ଓଡ଼ିଶାରେ ନୁହେଁ ସାରା ଭାରତରେ, ଏମିତିକି ବିଦେଶକୁ ବି ଏ ଶାଢ଼ି ରପ୍ତାନୀ ହେଉଛି । କୋରାପୁଟ ଜିଲା କୋଟପାଡ଼ ବ୍ଲକ ଅଧୀନ କୋଟପାଡ଼ ଗାଁ । ଏହି ଗାଁର ଅଧିକାଂଶ ବାସିନ୍ଦା ପାରମ୍ପରିକ ଶାଢ଼ିବୁଣାଳୀ । ସେମାନଙ୍କ ମଧ୍ୟରେ ଜଣେ ହେଲେ ବିଦ୍ୟାଧର ମହନ୍ତ । ସେ କୁହନ୍ତି, ‘ଆଜକୁ ପ୍ରାୟ ୪୦ବର୍ଷ ହେଲା କୋଟପାଡ଼ ଶାଢ଼ି ବୁଣି ଆସୁଛି । ମୁଁ ସ୍କୁଲ ପଢ଼ିବା ସମୟରେ ଘରେ ଆମ ଜେଜେ ଓ ବାପା ଏହି ଶାଢ଼ି ବୁଣୁଥିଲେ । ସେତେବେଳେ ତାଙ୍କ ପାଖରୁ ଏହି ଶାଢ଼ି ବୁଣିବା, ରଙ୍ଗଦେବା ଆଦି କାର୍ଯ୍ୟ ଶିଖିଥିଲି । ଆମ ଗାଁରେ ପ୍ରାୟ ୯୦ ପରିବାରଙ୍କ ମଧ୍ୟରେ ଆଜିକାଲି ପ୍ରାୟ ୩୦ ଜଣ ବୁଣାକାର କୋଟପାଡ଼ ଶାଢ଼ି ବୁଣିଥାନ୍ତି । ଶାଢ଼ି ବ୍ୟତିତ ଲୁଗା, ଡ୍ରେସ, କପଡ଼ା ଓ ଉତ୍ତରୀୟ ଆଦି ବୁଣି ଆସୁଛନ୍ତି । କୋଟପାଡ଼ ଶାଢ଼ି ସମ୍ପୂର୍ଣ୍ଣ ଭାବେ ଦେଶୀୟ ପଦ୍ଧତିରେ ତନ୍ତରେ ବୁଣା ଯାଇଥାଏ । ଏଥିରେ ପ୍ରାକୃତିକ ରଙ୍ଗ ବ୍ୟବହାର ହୋଇ କରାଯାଉଥିବା ବେଳେ ଏହି ବସ୍ତ୍ରଗୁଡ଼ିକ ଶରୀର ପାଇଁ ତଥା ପରିବେଶ ପାଇଁ ଉପକାରୀ ହୋଇଥାଏ । ପୂରା ଅସଲି କନା ସୂତା ଯାହା ୨୦ ନମ୍ବର କଟନ ରୂପେ ଆଜିକାଲି ପରିଚିତ । ଶାଢ଼ି ବୁଣିବା ପୂର୍ବରୁ ସୂତାରେ ରଙ୍ଗ ଦେବାକୁ ପଡ଼ିଥାଏ । ଏହା କୌଣସି ରାସାୟନିକ ରଙ୍ଗ ନୁହେଁ ବରଂ ଜୈବିକ ଭାବେ ପ୍ରସ୍ତୁତ ବିଭିନ୍ନ ଗଛଲତା ପତ୍ରରୁ ସଂଗୃହୀତ ହୋଇ ରଙ୍ଗରେ କରାଯାଇଥାଏ । ଏଥିପାଇଁ ପ୍ରଥମେ ଆଲ ଗଛର ଚେର ଛାଲିକୁ ଶୁଖାଇ ଗୁଣ୍ଡକରି ପାଉଡ଼ର କରାଯାଏ । ଏହାପରେ ଜଡ଼ାତେଲ ସହିତ ଗୋବର ମିଶ୍ରଣ କରାଯାଇଥାଏ । ଗୋବର ଓ ଜଡ଼ାତେଲର ମିଶ୍ରଣକୁ ସୂତାରେ ଭିଜାଇ ପ୍ରାୟ ୧୫ଦିନ ରଖାଯାଏ । ଏହାପରେ ମାଟି ହାଣ୍ଡିରେ ଗରମପାଣି କରି ସେହି ସୂତାକୁ ଭିଜାଇ ରଖାଯାଏ । ପରେ ସେହି ହାଣ୍ଡିରୁ ସୂତାକୁ ବାହାରକୁ ଆଣି ଗୋଡ଼ରେ ଦଳିଚକଟି ସେଥିରୁ ସେହି ଜଡ଼ା ଓ ଗୋବରକୁ ଛଡ଼ା ଯାଇଥାଏ । ଏହାପରେ ସେହି ସୂତାକୁ ପୋଖରୀରେ ଧୋଇ ଆଣି ଖରାରେ କିଛିଦିନ ସୁଖାଇଥାଉ । ପରେ ଶାଢ଼ି ବୁଣିବା ପାଇଁ ପ୍ରସ୍ତୁତ ହୋଇଥିବା ସୂତାକୁ ତନ୍ତରେ ବ୍ୟବହାର କରି ବିଭିନ୍ନ ଶାଢ଼ି ,ଡ୍ରେସ କପଡ଼ା, ଉତ୍ତରୀୟ ଆଦି ବୁଣାଯାଇ ଥାଏ । ଗୋଟିଏ ଶାଢ଼ି ବୁଣିବାକୁ ପ୍ରାୟ ୩/୪ଜଣଙ୍କୁ ପ୍ରାୟ ୧୫ରୁ ୨୦ଦିନ ସମୟ ଲାଗିଥାଏ । ଗୋଟିଏ କୋଟପାଡ଼ ଶାଢ଼ିର ମୂଲ୍ୟ ୭ହଜାରୁ ଆରମ୍ଭ କରି ପ୍ରାୟ ୩୦ ହଜାର ଟଙ୍କାରେ ବିକ୍ରି ହୋଇଥାଏ । ରାଜ୍ୟ ସରକାରଙ୍କ ବୟନଶିଳ୍ପ ବିଭାଗ ଦ୍ୱାରା ଆୟୋଜିତ ବିଭିନ୍ନ ହସ୍ତଶିଳ୍ପ ମେଳାରେ ଏହି କୋଟପାଡ଼







ଶାଢ଼ିକୁ ବିକ୍ରି କରିବାକୁ ନେଇଥାଉ । ଦିଲ୍ଲୀ, ବେଙ୍ଗାଲୁରୁ, ମୁମ୍ବାଇ, ଆନ୍ଧ୍ରପ୍ରଦେଶରେ ଏହି ଶାଢ଼ିର ଚାହିଦା ରହିଛି । ଏହି ଶାଢ଼ି ବୁଣାକାର ଭାବେ ରାଜ୍ୟ ସରକାରଙ୍କ ବୟନଶିଳ୍ପ ବିଭାଗରୁ ୨୦୦୨ ମସିହାରେ ମୋତେ ପୁରସ୍କାର ମିଳିଥିଲା । ସେହିପରି ୨୦୧୫ ମସିହାରେ ଜାତୀୟ ପୁରସ୍କାର ଓ ଅନେକ ରାଜ୍ୟସ୍ତରୀୟ ପୁରସ୍କାର ପାଇଛି ।

ଆଉ ଜଣେ କୋଟପାଡ଼ ଶାଢ଼ି ବୁଣାଳୀ ଅନୁରାଧା ମହନ୍ତ କୁହନ୍ତି, ‘ଓଡ଼ିଶାର ବିଭିନ୍ନ ପାରମ୍ପରିକ ଶାଢ଼ି ମଧ୍ୟରେ ଆମ କୋଟପାଡ଼ ଶାଢ଼ିର ନାଁ ରହିଛି । ଏହି ଶାଢ଼ି ବୁଣି ଗୋଟିଏ ଗୋଟିଏ ପରିବାର ବାର୍ଷିକ ୧ଲକ୍ଷ ଟଙ୍କାରୁ ଅଧିକ ଆୟ କରିପାରୁଛୁ । ଆମ କୋଟପାଡ଼ ଶାଢ଼ିର ସ୍ୱତନ୍ତ୍ରତା ରହିଛି, କାରଣ ଗୋଟିଏ ଗୋଟିଏ ଶାଢ଼ି କି ଡ୍ରେସ ତିଆରି ପାଇଁ ଏଥିରେ ଏକାଧିକ ବୁଣାକାର ନିୟୋଜିତ ହେବାକୁ ପଡୁଥିବାବେଳେ ସମ୍ପୂର୍ଣ୍ଣଭାବେ ହସ୍ତତନ୍ତ୍ରରେ ଏହା ବୁଣାଯାଉଥିବାରୁ ଅଧିକ ଦିନ ଲାଗିଥାଏ । ଓଡ଼ିଶାର ପାରମ୍ପରିକ ଶିଳ୍ପକଳାରୁ ବହୁ ପ୍ରକାର ଜ୍ୟାମିତି ଓ ଶିଳ୍ପ–ଶୈଳୀକୁ ଗ୍ରହଣକରି ନୂଆ ଦୃଷ୍ଟିଭଙ୍ଗିରେ ଆଜିକାଲି ଏହି ଶାଢ଼ି ବୁଣାଯାଇପାରୁଛି । ଯାହା ଦେଖିବାକୁ ଖୁବ୍ ସୁନ୍ଦର ହେବାସହ ସ୍ୱାସ୍ଥ୍ୟପୋଯୋଗୀ । ଜାତୀୟ ସ୍ତରରେ ଅନେକ ପ୍ରଦର୍ଶନୀ, ମେଳା, ମହୋତ୍ସବ ଆଦିରେ ଆମେ କୋଟପାଡ଼ ଶାଢ଼ିର ଷ୍ଟଲ ଖୋଲି ରୋଜଗାର କରିପାରୁଛୁ । ଅନେକ ସମ୍ଭ୍ରାନ୍ତଶ୍ରେଣୀୟ ବ୍ୟକ୍ତି ଏହି ଶାଢ଼ି ନେବା ପାଇଁ ଆମକୁ ଅଗ୍ରିମ ଅର୍ଥ ଦେଇଥାନ୍ତି । ଏହି ଶାଢ଼ିର ବଜାର ଚାହିଦା ରହିଛି । ବୁଣାକାରମାନଙ୍କୁ ସରକାରଙ୍କ ପ୍ରୋତ୍ସାହନ ବି ମିଳିପାରୁଛି । ଏଥିଯୋଗୁ ଆମର ଏହି ଶାଢ଼ିବୁଣିବାରେ ଅଧିକ ଆଗ୍ରହ ରହୁଛି ।

# ହାଃ ହାଃ

## ଅଲ୍ଲାଦୀନ ଚିରାଗ

ସ୍ୱାମୀ ସ୍ତ୍ରୀକୁ: ଜାଣିଛ, ମତେ ଅଲ୍ଲାଦୀନର ଯାଦୁ ଚିରାଗ ମିଳିଯାଇଛି।
ସ୍ତ୍ରୀ: ସତ! କ'ଣ ମାଗିଲ ଚିରାଗର ଜିନ୍‌କୁ?
ସ୍ୱାମୀ: ମୁଁ କହିଲି ମୋ ସ୍ତ୍ରୀର ବୁଦ୍ଧିକୁ ୧୦ ଗୁଣ ବଢେଇ ଦିଅ।
ସ୍ତ୍ରୀ: ମୋ ବୁଦ୍ଧି ବଢିଲା କି?
ସ୍ୱାମୀ: ଜିନ୍ କହିଲା ଶୂନକୁ ଯେଉଁଥିରେ ବି ଗୁଣନ କଲେ ଶୂନ ହିଁ ଆସିବ। ସେଥିପାଇଁ ଏହା ଅସମ୍ଭବ।

## ଫିଗର

ଏକ ପେଣ୍ଠି କୁକୁଡ଼ା ଦୋକାନୀକୁ: ଦୁଇଟା ଅଣ୍ଡା ଦେବ।
ଦୋକାନୀ: ତମର ଅଣ୍ଡା କ'ଣ ହେବ? ତମେ ତ ନିଜେ ଅଣ୍ଡା ଦେଇପାରିବ।
ପେଣ୍ଠି କୁକୁଡ଼ା: ମୁଁ ପୁଣି ଅଣ୍ଡା ଦେବି! ନା ବାବା ନା। ମୋ ସ୍ୱାମୀ କହିଛନ୍ତି ୬ ଟଙ୍କାର ଅଣ୍ଡା ପାଇଁ ଫିଗର୍‌କୁ ଖରାପ କରିବାର ଆବଶ୍ୟକତା ନାହିଁ।

## ସାଣ୍ଡଲ

ସ୍ୱାମୀ ଦୋକାନୀକୁ: ମୋ ସ୍ତ୍ରୀ ପାଇଁ ଭଲ ସାଣ୍ଡଲ ଦେଖେଇଲ।
ଦୋକାନୀ: ଏଇ ଦେଖନ୍ତୁ ଷ୍ଟାଇଲିଶ, ମଜଭୂତ ଆଉ ଲଙ୍ଗ ଲାଷ୍ଟିଂ ସାଣ୍ଡେଲ।
ସ୍ୱାମୀ: ଆରେ ଭାଇ ଏ ସାଣ୍ଡେଲରେ ତ ମୁଁ ମରିଯିବି। ଟିକେ ହାଲ୍‌କା, କମ୍ ଲାଷ୍ଟିଂର ସାଣ୍ଡେଲ ଦେଖା।
ଦୋକାନୀ: ଓଃ ବୁଝିଗଲି।

## କରେଣ୍ଟ

ଶିକ୍ଷକ ପପୁକୁ: ହୋମଓ୍ୱାର୍କ କାହିଁକି କରିନୁ?
ପପୁ: ସାର୍, କରେଣ୍ଟ ନ ଥିଲା।
ଶିକ୍ଷକ: ମହମବତୀ ଜଳେଇକି କଲୁନି।
ପପୁ: ମାଚିସ୍ ଠାକୁର ଘରେ ଥିଲା।
ଶିକ୍ଷକ: ସେଠୁ ଆଣିଲୁନି।
ପପୁ: ମୁଁ ଗାଧୋଇ ନ ଥିଲି।
ଶିକ୍ଷକ: କାହିଁକି ଗାଧୋଇ ନ ଥିଲୁ?
ପପୁ: ପାଣି ନ ଥିଲା।
ଶିକ୍ଷକ: ପାଣି କ'ଣ ପାଇଁ ନ ଥିଲା?
ପପୁ: ମୋଟର ଚାଲୁ ନ ଥିଲା।
ଶିକ୍ଷକ: ମୋଟର କାହିଁକି ଚାଲୁ ନ ଥିଲା?
ପପୁ: ସାର୍ ଆରମ୍ଭରୁ କହିଥିଲି ପରା କରେଣ୍ଟ ନ ଥିଲା।

# ଖଲ୍ଲିକୋଟ ରାଜବାଟୀ




ଗଞ୍ଜାମ ଜିଲାର ଇତିହାସ ଓଲଟାଇଲେ ଦେଖିବାକୁ ମିଳେ ଖଲ୍ଲିକୋଟଗଡ଼ର ଐତିହ୍ୟ, ଉତ୍କଳ ସମ୍ମିଳନୀର ପହିଲି ପାଦଚିହ୍ନ ଓ ଓଡ଼ିଆ ଭାଷା ଆନ୍ଦୋଳନରେ ଏହାର ଅବଦାନ। ସୁଉଚ୍ଚ ପର୍ବତମାଳା ପରିବେଷ୍ଟିତ ଖଲ୍ଲିକୋଟ ରାଜବାଟୀକୁ ସବୁଜବନାନୀ ଘେରା ଜୟଦୁର୍ଗା ପାହାଡ଼, ଚିର ନିର୍ଝରିଣୀ ନିର୍ମଳ ଝର ଓ ପୁରାତନ ଜଗନ୍ନାଥ ମନ୍ଦିରର ଅନନ୍ୟ କଳାଭାସ୍କର୍ଯ୍ୟ ଶ୍ରୀବୃଦ୍ଧି କରିଛି। ପୁଣି ରମ୍ଭାଠାରେ ଥିବା ରାଜପ୍ରାସାଦ, ଯାହାର ହାତପାହାନ୍ତାରେ ଦେଖିହୁଏ ଅପରୂପ ନୀଳାମ୍ବୁ ଚିଲିକାର ନୈସର୍ଗିକ ଶୋଭା। ପ୍ରାସାଦର ଆଗରେ ପୁଷ୍ପ ବାଟିକା, ଅଳ୍ପ କିଛି ଚାଷଜମି, ବିଭିନ୍ନ କିସମର ଶୋଭାବର୍ଦ୍ଧନକାରୀ ବୃକ୍ଷରାଜି। ପ୍ରବେଶ ଦ୍ୱାର ପାରହେଲା ପରେ ଦୃଶ୍ୟମାନ ହୁଏ ପ୍ରାସାଦ ସଂଲଗ୍ନ ଗୁଡ଼ିଏ ଛୋଟଛୋଟ କୋଠରି। ଯାହା ଇତିହାସ ପାଲଟି ଯାଇଛି। ପ୍ରାସାଦର ରୂପ ପରିବର୍ତ୍ତନ ହୋଇ ଠିଆ ହୋଇଛି ଏକ ସୁନ୍ଦର ହୋଟେଲ । ଜନଶ୍ରୁତିରୁ ଜଣାଯାଏ ରାଜପୁତ ବଂଶର ଦୁଇଭାଇ ପେଣ୍ଠୁ ଓ କୀର୍ତ୍ତନ ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ପୁରୀକୁ ଆସିବାବେଳେ ଚିଲିକା ସୀମାନ୍ତ ଗୋପକୁଦରେ ପ୍ରବେଶକରି ଏକ ଦୁର୍ଗ ସ୍ଥାପନ କରିଥିଲେ। ସେହିପରି ତ୍ରୟୋଦଶ ଶତାବ୍ଦୀରେ ଏହି ବଂଶର ରାଜା ହରିଗୋପାଳ ଅତ୍ୟନ୍ତ ପ୍ରତାପୀ ଓ ପ୍ରଭାବଶାଳୀ ଥିଲେ। କାଳକ୍ରମେ ସପ୍ତଦଶ ଶତାବ୍ଦୀରେ ଖଲ୍ଲିକୋଟରେ ନିଜ ଦୁର୍ଗ ସ୍ଥାପନ କରିଥିଲେ। ଏହି ବଂଶର ରାଜା ବାଲୁଙ୍କେଶ୍ୱର ମର୍ଦ୍ଦରାଜ, ଜଗନ୍ନାଥ ମର୍ଦ୍ଦରାଜ, ନଳୀନାକ୍ଷ ମର୍ଦ୍ଦରାଜ, ନାରାୟଣ ମର୍ଦ୍ଦରାଜଙ୍କ ସମୟରେ ଖଲ୍ଲିକୋଟର ପ୍ରଭୂତ ବିକାଶ ସାଧିତ ହୋଇଥିଲା। ଏମାନେ ଥିଲେ ସୁସଂସ୍କୃତିସମ୍ପନ୍ନ, ଦେଶପ୍ରେମୀ, କବି ଓ ପ୍ରବୀଣ ରାଜନୀତିଜ୍ଞ। ଜନଶ୍ରୁତିରୁ ଜଣାପଡ଼େ ମର୍ଦ୍ଦରାଜ ବଂଶର ହରିହର ମର୍ଦ୍ଦରାଜ ଦେବ ଓ ରାମଚନ୍ଦ୍ର ମର୍ଦ୍ଦରାଜ ଦେବ ଏହି ବଂଶର ସମ୍ମାନଙ୍କୁ ଶିଖର ସ୍ଥାନରେ ପହଞ୍ଚାଇଥିଲେ। ୧୮୯୩ ସାଲରେ ହରିହର ଖଲ୍ଲିକୋଟ ରାଜସିଂହାସନ ଆରୋହଣ କରିଥିଲେ। ୧୮୯୬ ସାଲରେ ହରିହର ମର୍ଦ୍ଦରାଜ ମୟୂରଭଞ୍ଜର ରାଜଜେମାଙ୍କୁ ବିବାହ କରିଥିଲେ। ହେଲେ ତାଙ୍କର ଅକାଳ ବିୟୋଗ ହେବାରୁ ୧୮୯୬ ସାଲରେ ହରିହର ଦ୍ୱିତୀୟ ଥର ମୟୂରଭଞ୍ଜ ରାଜାଙ୍କ ଦାଦାଝିଅ କନକମଞ୍ଜରୀଙ୍କୁ ବିବାହ କରିଥିଲେ। କନକମଞ୍ଜରୀ ଜଣେ ବିଦୂଷୀ ନାରୀ ଥିଲେ। ରାଣୀ କନକମଞ୍ଜରୀ ଏବଂ ରାଜା ହରିହର ମର୍ଦ୍ଦରାଜଙ୍କର ଔରସରୁ ୧୯୦୦ ମସିହା ଜାନୁଆରୀ ୧୩ରେ ରାମଚନ୍ଦ୍ର ମର୍ଦ୍ଦରାଜ ଜନ୍ମଲାଭ କରିଥିଲେ। ୧୯୦୯ ଜୁଲାଇ ୯ତାରିଖରେ ହରିହର ମର୍ଦ୍ଦରାଜଙ୍କ ଦେହାନ୍ତ ହୋଇଥିଲା। ରାଣୀ କନକମଞ୍ଜରୀ ଦୁଃଖରେ ମିୟମାଣ ହେଲେ ସୁଦ୍ଧା ଯୁବରାଜ ରାମଚନ୍ଦ୍ର ମର୍ଦ୍ଦରାଜଙ୍କୁ ଆଦର୍ଶ ସୁଶିକ୍ଷିତ ରାଜାରୂପେ ୧୯୨୧ ମସିହାରେ ଅଭିଷେକ ଉତ୍ସବ କରାଯାଇଥିଲା। ସେ ଆସନ ଭାର ଗ୍ରହଣ କରିଥିଲେ। ୧୯୨୨ ମସିହାରୁ ୧୯୬୩ ପର୍ଯ୍ୟନ୍ତ ଏହା ତାଙ୍କ ଅଧୀନରେ ଥିଲା। । ୧୯୨୨ମସିହାରେ ଗଞ୍ଜାମ ଜିଲା ବୋର୍ଡ ସଭାପତି ଭାବେ ସେ ମନୋନୀତ ହୋଇଥିଲେ। ୧୯୨୩ରୁ ୧୯୩୬ ଯାଏ ମାନ୍ଦ୍ରାଜ ବିଧାନସଭାର ସଭ୍ୟଭାବେ ନିର୍ବାଚିତ ହୋଇଥିଲେ। ବିଭିନ୍ନ କମିଟିର ସେ ସଦସ୍ୟ ଥିଲେ। ୧୯୩୭ରେ ରାଜା ବାହାଦୁର ଉପାଧି ଗ୍ରହଣ କରିଥିଲେ। ୧୯୫୨ରେ ରାମଚନ୍ଦ୍ର ମର୍ଦ୍ଦରାଜ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୧୯୫୭ରେ କୋଦଳାରୁ ନିର୍ବାଚିତ ହୋଇ ସେ ବିଧାୟକରୁ ମନ୍ତ୍ରୀ ହୋଇଥିଲେ। ୧୯୬୩ରେ ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ମୃତ୍ୟୁ ଏବଂ ପରେ ତାଙ୍କ ପୁତ୍ର ରାଜା ପୂର୍ଣ୍ଣଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ବିୟୋଗ, ହୋଇଥିଲା। କିନ୍ତୁ ରାଜା ପୂର୍ଣ୍ଣଚନ୍ଦ୍ର ମର୍ଦ୍ଦରାଜଙ୍କ ଧର୍ମପତ୍ନୀ ତଥା ରାଜବଂଶର ଶେଷ ଦୀପ ରାଣୀ ଭି. ସୁଜ୍ଞାନ କୁମାରୀ ଦେବୀ ଥିଲେ। ସେ ୧୯୬୩ରୁ ପ୍ରାୟ ୧୦ଥର ବିଭିନ୍ନ ବିଧାନସଭା ଆସନରୁ ନିର୍ବାଚିତ ହୋଇ ଓଡ଼ିଶା ବିଧାନସଭାକୁ ଯାଇଥିଲେ। ରାଣୀ ଭି. ସୁଜ୍ଞାନ କୁମାରୀ ଦେଓଙ୍କର ୨୦୨୪ରେ ଦେହାନ୍ତ ହୋଇଥିଲା। ଏହି ମର୍ଦ୍ଦରାଜ ବଂଶର ମହାନ୍ ଉତ୍ତରାଧିକାରୀଙ୍କ ସୁଶାସନ ସମୟରେ ବହୁ ଲୋକହିତକର କାର୍ଯ୍ୟ ହୋଇଥିଲା। ଖଲ୍ଲିକୋଟଗଡ଼ରେ ୧୦୮ ହାତ ଉଚ୍ଚତା ବିଶିଷ୍ଟ ଜଗନ୍ନାଥ ମନ୍ଦିର, ବାଲୁଙ୍କେଶ୍ୱର ମହାଦେବଙ୍କ ମନ୍ଦିର, ଉପାନ୍ତରେ ନିର୍ମଳଝର ମନ୍ଦିର, ରାଧାକୃଷ୍ଣ ମନ୍ଦିର ସମେତ ଶ୍ରୀକୃଷ୍ଣ ଶରଣପୁର ଶାସନରେ ସକଳେଶ୍ୱର ମନ୍ଦିର, ନାରାୟଣ ଦେବଙ୍କ ପୀଠ, ଦେଓ୍ୱାନ ବଙ୍ଗଳା, ଋଷିକୁଲ୍ୟା ନଦୀରେ ବ୍ରିଜ ନିର୍ମାଣ ଆଦି କରିଥିଲେ। ରମ୍ଭା ରାଜପ୍ରାସାଦରେ ଭାରତର ବହୁ ମାନ୍ୟଗଣ ବ୍ୟକ୍ତି ଆତିଥ୍ୟ ଗ୍ରହଣ କରିଥିଲେ। ୧୯୨୭ରେ ଗାନ୍ଧିଜୀ ଓଡ଼ିଶା ଆସିଥିବାବେଳେ ଏହି ରାଜପ୍ରାସାଦରେ ୪ଦିନ ରହିଥିଲେ। ସେହିପରି ଅତୀତରେ କଂଗ୍ରେସର ୟୁ.ଏନ୍. ଧେବର, ଗୋବିନ୍ଦବଲ୍ଲଭ ପନ୍ଥ, ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ, ଲାଲ ବାହାଦୁର ଶାସ୍ତ୍ରୀ ଆଦି ଯଶସ୍ୱୀ ବ୍ୟକ୍ତି ଏହି ରାଜପ୍ରାସାଦରେ ଆତିଥ୍ୟ ସ୍ୱୀକାର କରିଥିଲେ। ରାଜା ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ସବୁଠାରୁ ଅଭୁଲା କୃତିତ୍ୱ ହେଲା ଇଂଲଣ୍ଡ ଗୋଲଟେବୁଲ ବୈଠକରେ ଓଡ଼ିଶାର ଏକତ୍ରୀକରଣ ପାଇଁ ତାଙ୍କର ଓଜସ୍ୱିନୀ ଓ ଯୁକ୍ତିଭିତ୍ତିକ ବିବରଣୀ ପ୍ରଦାନ, ଯାହାକି ଭାରତୀୟ ମନ୍ତ୍ରୀ ସାମୁଏଲଙ୍କୁ ପ୍ରଭାବିତ କରିଥିଲା।

ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ୩ୟ ଗୋଲଟେବୁଲ ବୈଠକରେ ନିଜର ସ୍ମାରକୀ ପତ୍ର ପ୍ରଦାନ କରିଥିଲେ, ଯାହାକି ଓଡ଼ିଶା ପ୍ରଦେଶ ଗଠନର ବାଟ ଫିଟିଥିଲା। ମଧୁବାବୁ, କୃଷ୍ଣଚନ୍ଦ୍ର ଗଜପତି ଓ ରାଜା ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ଉଦ୍ୟମ ଥିଲା ସ୍ୱତନ୍ତ୍ର। ଏହି ବଂଶର ରାଜାଙ୍କ ଦ୍ୱାରା ବ୍ରହ୍ମପୁରରେ ଖଲ୍ଲିକୋଟ କଲେଜ, ଖଲ୍ଲିକୋଟରେ ଆର. ସି. ଏମ ସାଇନ୍ସ କଲେଜ ପ୍ରମୁଖ ପ୍ରତିଷ୍ଠା ହୋଇପାରିଥିଲା। ଏହି ରାଜପ୍ରାସାଦର ୧୭ ଏକର ପରିମିତ ଜାଗାରେ ୧୯୫୬ ଜୁନ୍ ୧୩ ତାରିଖରେ ଚାରୁ ଓ କାରୁକଳା ମହାବିଦ୍ୟାଳୟ ଉଦ୍‌ଘାଟିତ ହୋଇଥିଲା। ସେତେବେଳେ ଭାରତର ଉପରାଷ୍ଟ୍ରପତି ଥିଲେ ପ୍ରଖ୍ୟାତ ଶିକ୍ଷାବିତ୍, ଦାର୍ଶନିକ ଓ ରାଷ୍ଟ୍ରନୀତିଜ୍ଞ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ । ଏହି ଗଡ଼ର ବହୁ ଐତିହ୍ୟସମ୍ପନ୍ନ କୀର୍ତ୍ତିରାଜି ସର୍ବଦା ସ୍ମରଣୀୟ ହୋଇରହିଥିବ।

—ବନ ବିହାରୀ ବେହେରା, ପ୍ରଶାନ୍ତ ମିଶ୍ର



# ଐତିହାସିକ ଦୁର୍ଗ ମେହରାନଗଡ଼








**ରା**ଜସ୍ଥାନ ଯୋଧପୁରର ଏକ ଐତିହାସିକ ଦୁର୍ଗ ହେଉଛି ମେହରାନଗଡ଼। ଏହା ସ୍ଥାନୀୟ ଏକ ପାହାଡ଼ ଉପରେ ଅବସ୍ଥିତ ; ଯାହା ଆଖପାଖର ସମତଳ ଅଞ୍ଚଳଠାରୁ ପ୍ରାୟ ୪୦୦ ଫୁଟ୍ ଉଚ୍ଚରେ । ଉକ୍ତ ପାହାଡ଼ଟିର ପରିସୀମା ପାଖାପାଖି ୧୨୦୦ ଏକର ରହିଥିବା ସୂଚନା ରହିଛି। ଏତେବଡ଼ ପାହାଡ଼ ଉପରେ ଗଢ଼ିଉଠିଥିବା ମେହରାନଗଡ଼ ଦୁର୍ଗଟିର ଆକର୍ଷଣୀୟ ଦୃଶ୍ୟ କାହାକୁ ବି ଆନମନା କରିପାରେ। ସେଥିପାଇଁ ତ ବର୍ଷର ବିଭିନ୍ନ ସମୟରେ ଏଠାରେ ପର୍ଯ୍ୟଟକଙ୍କର ଭିଡ଼ ଦେଖିବାକୁ ମିଳିଥାଏ।


**ଇତିହାସ:** ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ରାଠୋର ବଂଶର ଶାସକ ରାଓ ଯୋଧା ୧୪୫୯ ମସିହାରେ ଏହି ଦୁର୍ଗଟିକୁ ନିର୍ମାଣ କରାଇଥିଲେ। ସମୟକ୍ରମେ ତାଙ୍କର ଉତ୍ତରାଧିକାରୀମାନେ ଏହି ଦୁର୍ଗଟିର ବିଭିନ୍ନ ରକ୍ଷଣାବେକ୍ଷଣ କାର୍ଯ୍ୟ ହାତକୁ ନେଇ ତାହାକୁ ସୁଚାରୁରୂପ ସମ୍ପାଦନ ମଧ୍ୟ କରିଥିଲେ। ଏବେ ବି ଏହି ଦୁର୍ଗଟିର ଆକର୍ଷଣୀୟ ବାସ୍ତୁକଳା ବେଶ୍ ଆଖିଦୃଶିଆ ହୋଇଥାଏ।

**ଦୁର୍ଗ ମଧ୍ୟରେ ରହିଛି:** ମେହରାନଗଡ଼ ଦୁର୍ଗ ହେଉଛି ରାଜସ୍ଥାନର ଏକ ବଡ଼, ସଂରକ୍ଷିତ ତଥା ସବୁଠୁ ପ୍ରଭାବଶାଳୀ ସ୍ମାରକୀ ମଧ୍ୟରୁ ଗୋଟିଏ। ଏହି ଦୁର୍ଗଟିର ଜୟ ପୋଲ୍, ଫତେହ ପୋଲ୍, ଗୋପାଲ୍ ପୋଲ୍, ଦେଢ଼ କଙ୍ଗ୍ରା ପୋଲ୍, ଅମୃତି ପୋଲ୍, ଲୋହା ପୋଲ୍, ସୁରଜ୍ ପୋଲ୍ ନାମରେ ମୋଟ ୭ଟି ଆକର୍ଷଣୀୟ ଗେଟ୍ ରହିଛି। ଆଉ ପ୍ରତି ଗେଟ୍‌ର ନିର୍ମାଣ ପଛରେ କିଛି ନା କିଛି ଐତିହାସିକ ଘଟଣାବଳୀର ସମ୍ପର୍କ ରହିଥିବା ସୂଚନା ରହିଛି। ସେହିପରି ଏହି ଦୁର୍ଗ ମଧ୍ୟରେ ଅନେକ ସୁନ୍ଦର ସୁନ୍ଦର ମହଲ ଥିବାର ମଧ୍ୟ ପର୍ଯ୍ୟଟକ ଦେଖିପାରିବେ। ଯେମିତିକି: ମୋତି ମହଲ, ଫୁଲ୍ ମହଲ, ଶିଶା ମହଲ ଇତ୍ୟାଦି ଅନ୍ୟତମ। କେବଳ ସେତିକି ନୁହେଁ, ଏହି ଦୁର୍ଗ ମଧ୍ୟରେ ବି ଏକ ମ୍ୟୁଜିୟମ୍ ରହିଛି ; ଯେଉଁଠାରେ ବିଭିନ୍ନ ପ୍ରକାରର ପାଲିଙ୍କି, ରାଜକୀୟ ଝୁଲା, ବହୁ ଲଘୁଚିତ୍ର, ମ୍ୟୁଜିକାଲ୍ ଇନ୍‌ଷ୍ଟ୍ରୁମେଣ୍ଟ, ରାଜକୀୟ ପୋଷାକ, ରାଜକୀୟ ଆସବାବପତ୍ର ଇତ୍ୟାଦି ଥିବାର ମଧ୍ୟ ପର୍ଯ୍ୟଟକ ବୁଲି ଦେଖିପାରିବେ। ଏସବୁ ବ୍ୟତୀତ କିଛି ପୁରୁଣା ତୋପକୁ ବି ଏହି ଦୁର୍ଗ ମଧ୍ୟରେ ସାଇତି ରଖାଯାଇ ଥିବାର ଦେଖିବାକୁ ମିଳିଥାଏ।

**ଆଉ କ'ଣ ଦେଖିବେ:** ଏଠାକୁ ବୁଲି ଆସୁଥିବା ପର୍ଯ୍ୟଟକ ମେହରାନଗଡ଼ ଦୁର୍ଗ ବ୍ୟତୀତ ନିକଟବର୍ତ୍ତୀ ଅଞ୍ଚଳରେ ଥିବା ନ୍ୟାଶନାଲ୍ ଜିଓଲୋଜିକାଲ୍ ମନୁମେଣ୍ଟ, ଚାମୁଣ୍ଡା ମାତାଜୀ ମନ୍ଦିର, ରାଓ ଯୋଦ୍ଧା ଡେଜର୍ଟ ରକ୍ ପାର୍କ ଆଦି ଦର୍ଶନୀୟ ସ୍ଥାନ ବି ବୁଲି ଦେଖିପାରିବେ।

**ଅନ୍ୟାନ୍ୟ ଆକର୍ଷଣ:** ଏଠାକାର ଲୋକସଙ୍ଗୀତ ବେଶ୍ ମନଛୁଆଁ ହୋଇଥାଏ। ମେହରାନଗଡ଼ ଦୁର୍ଗ ବୁଲିଆସୁଥିବା ପର୍ଯ୍ୟଟକଙ୍କୁ ସ୍ୱାଗତ କରିବା ପାଇଁ ପ୍ରାୟତଃ ସବୁବେଳେ ଉକ୍ତ ଦୁର୍ଗର ପ୍ରବେଶ ଦ୍ୱାର ନିକଟରେ ବିଭିନ୍ନ ଲୋକ ସଙ୍ଗୀତ ପରିବେଷଣ କରାଯାଉଥିବାର ଦେଖିବାକୁ ମିଳିଥାଏ। କେବଳ ସେତିକି ନୁହେଁ ଉକ୍ତ ଦୁର୍ଗ ନିକଟସ୍ଥ ଆଖପାଖ ଅଞ୍ଚଳରେ ବି ବିଭିନ୍ନ ଲୋକସଙ୍ଗୀତ ଓ ଲୋକନୃତ୍ୟର ଝଲକ ଦେଖିବା ଏକ ନିଆରା ଅନୁଭୂତି ଦେଇଥାଏ। ପର୍ଯ୍ୟଟକଙ୍କ ରହିବା, ଖାଇବା ପାଇଁ ବି ଏଠାରେ ବେଶ୍ ସୁବିଧା ରହିଛି। ଛୋଟ ଛୋଟ କଟେଜ୍‌ରେ ରହିବା ପର୍ଯ୍ୟଟକଙ୍କୁ ଏଠାରେ ଏକ ଭିନ୍ନ ଅନୁଭୂତି ପ୍ରଦାନ କରିଥାଏ। ସେହିପରି ବେସନ କି ଚକ୍କି, ମାୱା କଚୋରି, ମୋତିଚୁର୍ କେ ଲଡୁ, ମଖାନା ବଡେ, ମିର୍ଚ୍ଚି ବଡ଼ା, ପ୍ୟାଜ୍ କଚୋରି ହେଉଛି ଏଠାକାର କିଛି ପ୍ରସିଦ୍ଧ ଖାଦ୍ୟ।

**କେବେ ଓ କେମିତି ଯିବେ:** ଏଠାକୁ ବୁଲିଯିବା ପାଇଁ ଶୀତଦିନ ସବୁଠୁ ଉତ୍ତମ ବୋଲି କୁହାଯାଇଥାଏ। ହେଲେ ବର୍ଷସାରା ଏଠାକୁ ପର୍ଯ୍ୟଟକ ବୁଲିଆସୁଥିବା ଦେଖିବାକୁ ମିଳେ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ଯୋଧପୁର ରେଳ ଷ୍ଟେଶନ ହେଉଛି ଏଠାକାର ନିକଟତମ ରେଳଷ୍ଟେଶନ। ସେହିପରି ଯୋଧପୁର ଏୟାରପୋର୍ଟ ହେଉଛି ମେହରାନଗଡ଼ର ନିକଟବର୍ତ୍ତୀ ତଥା ମୁଖ୍ୟ ବିମାନବନ୍ଦର। ତା'ଛଡ଼ା ଦେଶର ବିଭିନ୍ନ ସ୍ଥାନରୁ ଏଠାକୁ ବସ୍‌ରେ ଯିବାର ମଧ୍ୟ ସୁବିଧା ରହିଛି।



# ନୀଳ ସହର ଯୋଧପୁର



**ଭାରତର ଏକ ସୁନ୍ଦର ସହର ହେଉଛି ରାଜସ୍ଥାନର ଯୋଧପୁର। ଏହା 'ଗେଟ୍ ୱେ ଟୁ ଥାର୍' ବା 'ଥାର୍ ମରୁସ୍ଥଳର ପ୍ରବେଶ ଦ୍ୱାର' ଭାବେ ବି ପରିଚିତ। ଏହି ସହରର ଆଉ ଏକ ବିଶେଷତ୍ୱ ଯାହା ପର୍ଯ୍ୟଟକଙ୍କୁ ଆକର୍ଷିତ କରେ ତାହା ହେଉଛି ଏଠାକାର ନୀଳରଙ୍ଗର ଘର। ଅର୍ଥାତ୍ ଏଠି ଦେଖିବାକୁ ମିଳେ ନୀଳରଙ୍ଗର ଅନେକ ଘର। ଖାସ୍ ସେଇଥିପାଇଁ ତ ଏହାକୁ 'ନୀଳ ସହର' ବୋଲି ବି କୁହାଯାଏ। ତେବେ ଜାଣନ୍ତି କି ଏଠାକାର ଘରଗୁଡ଼ିକୁ ନୀଳରଙ୍ଗରେ କାହିଁକି ରଙ୍ଗାଯାଏ? ଜାଣନ୍ତୁ ସେ ସମ୍ପର୍କରେ...**

ଯୋଧପୁର ସହରର ନୀଳରଙ୍ଗର ଘରଗୁଡ଼ିକ ଭିନ୍ନ ଏକ ଦୁନିଆର ଭ୍ରମ ସୃଷ୍ଟି କରିଥାଏ। ଯଦିଓ ଏଠି ସବୁ ଘର ନୀଳରଙ୍ଗର ନୁହେଁ, ହେଲେ ମେହରାନଗଡ଼ ଦୁର୍ଗ ପାଖରେ ଥିବା ପୁରୁଣା ସହରର ସବୁ ଘରର ରଙ୍ଗ ନୀଳ। ମେହରାନଗଡ଼ର ଦୁର୍ଗ ଉପରେ ଠିଆ ହୋଇ ନୀଳରଙ୍ଗର ଏହି ଘରସବୁକୁ ଦେଖିବାର ମଜା ଅଲଗା। ତେବେ ଘରଗୁଡ଼ିକୁ ନୀଳରଙ୍ଗରେ ରଙ୍ଗାଇବା ପଛରେ ଅଛି କିଛି ସ୍ୱତନ୍ତ୍ର କାରଣ। ପ୍ରଥମତଃ କୁହାଯାଏ ଏକଦା ଉଈ ଏହି ସହରର ବିଭିନ୍ନ ପ୍ରସିଦ୍ଧ ଐତିହାସିକ ସଂରଚନା ଓ ଘରଗୁଡ଼ିକୁ ଖାଇ ନଷ୍ଟ କରିପକାଉଥିଲେ। ସେଥିପାଇଁ ଉଈ ପ୍ରାଦୁର୍ଭାବରୁ ସହରକୁ ବଞ୍ଚାଇବା ଲାଗି ଲୋକେ ଉପାୟ ଖୋଜିବାକୁ ଲାଗିଲେ। ଶେଷରେ ସେମାନେ ଘରକୁ ନୀଳରଙ୍ଗରେ ରଙ୍ଗାଇଲେ। ଭାବୁଥିବେ ନୀଳରଙ୍ଗ ଉଈ ଦାଉରୁ ଘରକୁ କେମିତି ରକ୍ଷା କରିବ? ପ୍ରକୃତ କଥା ହେଲା ଏହି ନୀଳରଙ୍ଗ ଦୁଇଟି ପଦାର୍ଥର ମିଶ୍ରଣରେ ତିଆରି। ପ୍ରଥମଟି ହେଉଛି କପର ସଲଫେଟ୍ ଓ ଅନ୍ୟଟି ହେଉଛି ଚୂନପଥର। ଚୂନପଥର ସାଧାରଣତଃ ଉଈ ଭଳି କୀଟରୁ ସୁରକ୍ଷା ପ୍ରଦାନ କରିଥାଏ। ତେଣୁ ଏହି ରଙ୍ଗ କାହିଁ କେବେଠାରୁ ଏଠାକାର ପ୍ରତି ଘରେ ଦିଆଯାଉଛି। ତା'ଛଡ଼ା ନୀଳରଙ୍ଗ ଶାନ୍ତିର ଭାବ ମନରେ ଉତ୍ପନ୍ନ କରିଥାଏ। ଏହି ସହର ଭିତରେ ଗଲାବେଳେ ନୀଳରଙ୍ଗର ଏହି ଘରଗୁଡିକୁ ଦେଖିଲେ ସତରେ କାହାରି ବି ମନରେ ଶାନ୍ତିର ଭାବ ଉତ୍ପନ୍ନ ହୋଇଥାଏ।

ଏହାବାଦ ଭଗବାନ ମହାଦେବଙ୍କ ସହ ନୀଳରଙ୍ଗ ଜଡ଼ିତ। ଯେକି ସମୁଦ୍ର ମନ୍ଥନ ସମୟରେ ହଳାହଳ ବିଷ ପାନ କରି ଏ ପୃଥିବୀକୁ ବଞ୍ଚାଇଥିଲେ। ଆଉ ତାଙ୍କ ଶରୀର ନୀଳ ବର୍ଣ୍ଣ ହୋଇଯାଇଥିଲା। ତେଣୁ ନୀଳରଙ୍ଗକୁ ଶୁଭ ମନେକରି ଏଠାରେ ଥିବା ଅନେକ ମହାଦେବଙ୍କ ଭକ୍ତ ଘରକୁ ନୀଳରଙ୍ଗରେ ରଙ୍ଗାଇଥାନ୍ତି।

ଏଠାକାର ନୀଳରଙ୍ଗର ଘର ପଛରେ ଆଉ ଏକ କାରଣ ବି ଅଛି। ତା' ହେଉଛି ରାଜସ୍ଥାନରେ ଖରାଦିନେ ପ୍ରବଳ ଗରମ ହୁଏ। ତାଠିରୁ ରକ୍ଷା ପାଇବା ତଥା ଘରଗୁଡିକୁ ଥଣ୍ଡା ରଖିବା ପାଇଁ ଏହି ସହରରେ ଘରଗୁଡ଼ିକୁ ନୀଳରଙ୍ଗରେ ରଙ୍ଗା ଯାଇଛି। କାରଣ ନୀଳରଙ୍ଗ ସୂର୍ଯ୍ୟ କିରଣକୁ ପ୍ରତିଫଳିତ କରିଥାଏ। ଅଧିକ ଅବଶୋଷିତ କରି ନ ଥାଏ, ଯଦ୍ୱାରା ଘର ଥଣ୍ଡା ରହେ।

ଏହି କ୍ଷେତ୍ରରେ ପ୍ରଚଳିତ ଆଉ ଏକ ସିଦ୍ଧାନ୍ତ ହେଉଛି ନୀଳରଙ୍ଗ ସାମାଜିକ ସ୍ଥିତିର ପ୍ରତିନିଧିତ୍ୱ କରିଥାଏ। ସ୍ଥାନୀୟ ଅଧିବାସୀଙ୍କ ଅନୁସାରେ, ବ୍ରାହ୍ମଣ ସମୁଦାୟ ପ୍ରଥମେ ନିଜ ଘରକୁ ନୀଳରଙ୍ଗରେ ରଙ୍ଗାଇଥିଲେ। କାରଣ ସେମାନେ ନିଜକୁ ନିଚଜାତିଠାରୁ ଭିନ୍ନ ଦେଖାଇବାକୁ ଚାହୁଁଥିଲେ। ସେବେଠାରୁ ଏଠାରେ ନୀଳରଙ୍ଗକୁ ବ୍ରାହ୍ମଣଙ୍କ ରଙ୍ଗଭାବେ ବିବେଚନା କରାଯାଏ।

ମେହରାନଗଡ଼ ଦୁର୍ଗ, ପଚେତିୟା ହିଲ ସନ୍‌ସେଟ୍ ଭ୍ୟୁ ପଏଣ୍ଟ ଏଠାକାର ମୁଖ୍ୟ ଆକର୍ଷଣ। ବହୁ ସଂଖ୍ୟାରେ ପର୍ଯ୍ୟଟକ ଏହି ନୀଳ ସହରକୁ ଆସନ୍ତି ଏଠାକାର ମନଲୋଭା ଦୃଶ୍ୟକୁ ଉପଭୋଗ କରିବା ପାଇଁ।



# ମୂଳାରେ କାରିଗରି

ମୂଳା ଏକ ପରିବା, ଏହା ତ ସମସ୍ତେ ଜାଣନ୍ତି। ତେବେ ଏହି ମୂଳାକୁ ନେଇ ଏକ ବଡ଼ ଉତ୍ସବ ଆୟୋଜନ ହୁଏ ବୋଲି ଅନେକେ ହୁଏତ ଜାଣି ନ ଥିବେ। ମେକ୍ସିକୋର ଓଆକ୍ସାକାରେ ପାଳିତ ହେଉଥିବା ଏହି ଉତ୍ସବରେ ଯେଉଁଆଡେ ନଜର ବୁଲାଇବ ମୂଳାରେ ତିଆରି ସୁନ୍ଦର ସୁନ୍ଦର କଳାକୃତି ଦେଖିବାକୁ ମିଳିବ। ଲାଲରଙ୍ଗର ମୂଳାରେ ଖୁବ୍ ସୁନ୍ଦର ଓ ନିଖୁଣଭାବେ ତିଆରି କାରିଗରିଗୁଡିକ ଏତେ ଚମତ୍କାର ହୋଇଥାଏ ଯେ, ଘଡିଏ ଚାହିଁ ରହିବାକୁ ଇଚ୍ଛା ହେବ। ମଣିଷ, ରାକ୍ଷସ, ଫୁଲ, ଗଛପତ୍ର, ଲୋକେ ନୃତ୍ୟ କରୁଥିବା ଦୃଶ୍ୟ ଓ ସମାଜର ବିଭିନ୍ନ ଦୃଶ୍ୟାବଳୀକୁ ମୂଳାରେ ରୂପ ଦିଆଯାଇଥାଏ। ଏହି ଉତ୍ସବ ପ୍ରତିବର୍ଷ ଡିସେମ୍ବର ମାସ ୨୩ ତାରିଖରେ ପାଳିତ ହୋଇଥାଏ। ଏଥିରେ ଯାହାର ମୂଳାର କାରିଗରି ଅଧିକ ସୁନ୍ଦର ଓ ଆକର୍ଷକ ହୋଇଥାଏ ତାକୁ ପୁରସ୍କୃତ କରାଯାଏ। ଏହି ଉତ୍ସବ ପାଇଁ ଏଠାରେ ଖାସ୍ ମୂଳା ଚାଷ କରାଯାଏ, ଯାହାକୁ କି ସ୍ୱତନ୍ତ୍ର ଫର୍ଟିଲାଇଜର୍ ଓ ରସାୟନ ଦେଇ ଚାଷ କରାଯାଇଥାଏ। ଏହି ମୂଳାର ଆକାର ୫୦ ସେ.ମି.ରୁ ଉର୍ଦ୍ଧ୍ୱ ଓ ଓଜନ ୩ କେ.ଜି.ରୁ ବି ଉର୍ଦ୍ଧ୍ୱ ହୋଇଥାଏ। ଉକ୍ତ ଉତ୍ସବରେ ଓଆକ୍ସାକାର ପରମ୍ପରା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ।



# ବିଜ୍ଞ ନିଷ୍ଠୁରତା



କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

ଯେତେଯେତେ ହୁଅନ୍ତି ଶିକ୍ଷିତ, ଜ୍ଞାନ ଅଧିକରୁ ଅଧିକ ହୁଅଇ ବର୍ଦ୍ଧିତ, ବିକଶିତ, ଏଥିରେ କ'ଣ କାହାର ଅଛି ଦ୍ୱିମତ ? ବୋଧହୁଏ ନା । ମାତ୍ର ଅଜାଗା ଘା'କୁ ଦେଖେଇ ତା'ର ସର୍ଜରୀ କରେଇବା, ଆମ ପରି ପ୍ରକୃତିଛଡ଼ାଙ୍କ ଦୁର୍ଗୁଣ ବୋଲି ଅନେକ ଭାବନ୍ତି । ହେଲେ କାହିଁକି କେଜାଣି ଆମ ନୟନ ଗୋଚର ହେଉଥିବା ଘଟଣାମାନ ମନକୁ ମନ୍ଥି, ମୁଣ୍ଡରେ ପୂରେଇ କଲମ ମୁନରେ ବାନ୍ତି ନ କରିପକାଇବା ଯାଏଁ ପରା ଶାନ୍ତି ମିଳେନି କି ପେଟରେ ହଜମ ଯମା ହୁଏନି ବୋଲି ଅନ୍ୟମାନେ ବା କେମିତି ବୁଝନ୍ତେ ?

ବହୁଦିନ ମଣିଷ, ପଶୁପରି ବଣ ଜଙ୍ଗଲରେ ବସବାସ କରିବା ପରେ ବୁଦ୍ଧି ପଶିଲା ଯେ, ସମାଜ ଗଠନ କରି ଏକାଠି ନିରାପଦରେ ରହିବା ଭଲ । ତାହା ହେଲା । ଧୀରେ ଧୀରେ ଶିକ୍ଷା ଲାଭ କରି ଭଦ୍ର ଶିକ୍ଷିତ ସଭ୍ୟ ବୋଲି ସିନା ପରିଚୟ ଦେଲା--ବେଶ ପୋଷାକରେ, ନାନା ଭାଷା କହିବାରେ, ଚାଲି ଚଳଣିରେ, ହେଲେ ପୂର୍ବ ପଶୁ ପ୍ରକୃତି କେତେକଙ୍କ ଭିତରୁ କମିବ କ'ଣ, ବରଂ ଦିନକୁ ଦିନ ବେଶି ଉର୍ବରିଆ ହେଲା । ପରସ୍ପର ଭିତରେ ସ୍ନେହ-ପ୍ରେମ, ସୁଖ-ଶାନ୍ତି, ସହାନୁଭୂତି ଗୁଡାକ... ଅଶାନ୍ତି, ଅସହିଷ୍ଣୁତା, ନିଷ୍ଠୁରତା ଏମିତି ବଢ଼ିବଢ଼ି ଚାଲିଲା ଯେ, ପରିବାର ସମାଜ ରଣକ୍ଷେତ୍ର ପାଲଟି, ଅକାଳ ମରଣର କାରଣ ପାଲଟି ଗଲା ତ କେଉଁଠି କେଉଁଠି ଆତ୍ମହତ୍ୟା କରିବା ପର୍ଯ୍ୟନ୍ତ କଥା ଗଲାଣି । ସ୍ନେହମୟୀ ମା'ର ମମତା, ପିତାଙ୍କର ଆଦର ବଦଳରେ ସନ୍ତାନ ପ୍ରତି ବଢିଆ ନିଷ୍ଠୁର ପଣିଆ ଦେଖା ଦେଲାଣି ତ କେଉଁଠି ସନ୍ତାନର ଅତି ନିର୍ଦ୍ଦୟ ଭାବ, ଅସହାୟ ବୃଦ୍ଧ ପିତା-ମାତାଙ୍କୁ ଅସହ୍ୟ ଯନ୍ତ୍ରଣା ଦେବା ଠାରୁ ଜରାଶ୍ରମରେ ଛାଡ଼ିବା ଯାଏଁ କଥା ବଢ଼ିଲାଣି । ଯୋଉମାନେ ଶିକ୍ଷିତ ଭଦ୍ର ବୋଲି ସମାଜରେ ପରିଚିତ, ଏବଂ ଅନ୍ତରରେ ଗଭୀରିଆ ଭଲପାଇବା କୁଆଡେ ଖୁନ୍ଦି ହୋଇଛି ବୋଲି ବିଭିନ୍ନ ସ୍ଥାନରେ ଭକତିଭରା ଭାଷଣ ତଥା ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଫୋଟ ଭିଡିଓ ଛାଡ଼ି-ବଳିଷ୍ଠ ପ୍ରମାଣ ଦିଆ ଚାଲିଛି, ତାଙ୍କ ଭିତରୁ ଅନେକେ ପରା କୋଉଠି ଜନ୍ମ ଦେଇଥିବା ଏକାଧିକ ସନ୍ତାନ, ସ୍ୱାମୀକି ଛାଡ଼ି ଅନ୍ୟ ସାଙ୍ଗରେ ହେଉଛନ୍ତି ଫେରାର ତ କୋଉଠି ସ୍ୱାମୀ ପରକୀୟା ପୀରତିର କୋମଳ-କଠୋର ବନ୍ଧନରେ ବନ୍ଧା ପଡ଼ି କୋଉ ବାନ୍ଧବୀକି ଧରି ଘର ଦ୍ୱାର ପିଲା ପରିବାରକୁ ଦୂରେଇ ଦୂରକୁ ପଳାୟନ କଲେଣି । ଅବଶ୍ୟ ଏମାନେ ଗଲାବେଳେ ଅନ୍ତର ଭିତରେ ଲୁଚେଇ ରଖିଥିବା ସ୍ନେହ ମମତା ଗୁଡ଼ାକୁ, ଛୁଆଙ୍କ ନିଦ୍ରିତ ଅବସ୍ଥାରେ ଦେଇ ଯାଆନ୍ତି କେତୁଟା ଚୁମ୍ବନରେ.. କହନ୍ତି ଧନରେ, ଭୁଲିବୁନି ମତେ ରେ.. । ଏଇ ଗୁଣ.. ଶିକ୍ଷିତ ବିବେକବନ୍ତଙ୍କର ହୃଦୟରେ ଭଲପାଉଥିବାର ନିଃସନ୍ଦେହ ପ୍ରମାଣ । ଆଉ କେତେ ଜାଗାରେ ଦେଖିବେ, ସ୍ୱାମୀ-ସ୍ତ୍ରୀ ପରସ୍ପର ପ୍ରାୟ ପ୍ରତିଦିନ ସିନା ଝଗଡ଼ା କରନ୍ତି, ଚୁଟି ଧରାଧରି ହୋଇ ଭଲକି କୁଟାକୁଟି , ପିଟାପିଟି ହୋଇ ପିଠି ଫଟାଫଟି ହୁଅନ୍ତି, ହେଲେ ଆନିଭର୍ସରୀ ଆସିଲେ, ଭଲ ମୋଟା ଟଙ୍କା ଖରଚ କରି ଗୁଡ଼ାଏ ସାଙ୍ଗ ସାଥୀ ମେଳରେ ଗୋଟାଏ ଆଖିଦୃଶିଆ ବଡ଼ କେକ କାଟି, ''ହାପି ଆନିଭର୍ସରୀ'' ଟୁ ଅମୁକ କହି ତାଳି ମାରି, ନାଚ-ଗୀତ କରି ଭୋଜି ଖାଇ ଖୁଆଇ, ଭିଡିଓ ଫଅଟ ଉଠେଇ, ସଂସାରରେ ସେମାନେ ସବୁଠୁ ଭଲ ଦମ୍ପତି ବୋଲି ପ୍ରମାଣ ଦିଅନ୍ତି । ଆଉ କୋଉକଥା ଛାଡ଼ି ଖୋଦ ଶିକ୍ଷାନୁଷ୍ଠାନରେ କେତେଜଣ ଶିକ୍ଷାଦାତାମାନେ ପରା ପଶୁ ପ୍ରକୃତିରେ ବେଳେବେଳେ ଏମିତି ବଶୀଭୂତ ହୋଇଯାଉଛନ୍ତି ଯେ, ସମ୍ପର୍କ ଓ କର୍ତ୍ତବ୍ୟ ଭୁଲି ଯୋଉ ଆକ୍ରମଣ କରୁଛନ୍ତି, ସେଥିରେ ଛାତ୍ରୀ ଛାତ୍ର ଅକାଳ ମରଣକୁ ବରଣ କରିବାର ପଥ ବାଛିନେଉଛନ୍ତି । ଏମିତିକା ନିଷ୍ଠୁର ବିଜ୍ଞଗଣଙ୍କୁ କି ପୁରସ୍କାର ଦେବାକଥା, ତାହା ସ୍ଥିର ହୋଇପାରୁନି । ଆଉକିଛି ବିଜ୍ଞଗଣ..କ୍ଷତରେ ମଲମ ଲଗେଇ ଆଉଁସିବା ନାଁ ରେ ବଢିଆ ବାଗରେ ଆମ୍ପୁଡ଼ିବାରେ ବ୍ୟସ୍ତ ! ଏମିତିକି ଶିକ୍ଷିତ ସମାଜରେ ପରିବାରରେ ଶାଶୁ ବୋହୂଙ୍କର ସମ୍ପର୍କ, ପ୍ରେମ-ପ୍ରୀତି ବଢ଼ାଉଛି ନା ଭିତି ସଂଚାର କରୁଛି, ତାହା ଗାଁ କମିଟି ବିଚାର ଝାମେଲା ଠାରୁ କୋର୍ଟ କାଚେରୀରେ ମାମଲାରୁ ଖୋଲା-ମେଲା ପ୍ରମାଣ ମିଳେ । ଭଲପାଇ ବାହାହୋଇଥିବା ଉଚ୍ଚ ଶିକ୍ଷିତ-ଶିକ୍ଷିତା, କେତେ ଦିନ ସୁଖରେ ଦାମ୍ପତ୍ୟ ଜୀବନ ବିତାଉଛନ୍ତି, ତାହା ତାଙ୍କର ଭୟଭୀତ, ଚିନ୍ତାଗ୍ରସ୍ତ, ପରସ୍ପର ପ୍ରତି ଆକ୍ଷେପ ଉକ୍ତିରୁ ହିଁ ଆନ୍ତରିକ ଭଲପାଇବାର ପରିମାଣ କେତେ ତାହାର ପ୍ରଣାମ ମିଳେ । ଯାହାହେଉ, ବହୁତ ଭଲ ହୋଇଛି, ଇସ୍କୁଲରୁ ମାଡ଼ ଉଠି ଦଣ୍ଡମୁକ୍ତ ଅଞ୍ଚଳ ବୋଲି ଘୋଷଣା କରାଯାଇ, ନୂତନ ଯୁଗର ସୂତ୍ରପାତ ହୋଇଛି । ମାତ୍ର ବଡ଼ ହେଲାପରେ ଶିକ୍ଷାଳୟରେ ଅଧ୍ୟାପକ କି ହେଡ଼ ସାରଙ୍କୁ ''ଫେଭର'' କ'ଣ ନ ଦେଲେ ଭାରି ହଇରାଣ ହବାକୁ ପଡୁଛି । ଏଇଟା ନିଷ୍ଠୁରତା କୁହାଯାଇ ପାରିବନି, କାରଣ ଉଚ୍ଚ ଶିକ୍ଷିତ ହେଲେ, ତାଙ୍କ ଭିତରେ ଖାଲି ଦୟା ନଦୀର ପାଣି ଭଳିଆ ପ୍ରେମର ଝରଣା ଝର ଝର ହେଇ ବୋହି ପଡୁଥାଏ । ଛୋଟ ପିଲାକୁ ବାପା-ମା ଯେତେ ପିଟନ୍ତୁ, କି ଚେଙ୍କ ଦିଅନ୍ତୁ, ଅବା ରାଗିକି ବେକରେ ରସି ଲଗେଇ କୂଅରେ ଗଳାନ୍ତୁ, ତାଙ୍କ ଅନ୍ତରରେ ସ୍ନେହ ଥାଏ, ମାତ୍ର ସ୍କୁଲ ସାଆରେ କେତେବେଳେ ଯଦି ପିଲାକୁ ଅବାଟରୁ ବାଟକୁ ଆଣିବାପାଇଁ କାନ ଧରିଦେଲେ, ତାହା ହିଁ ଚରମ ନିଷ୍ଠୁର ଗୁଣର ପ୍ରମାଣ ଦେଇ, ଦଣ୍ଡଯୋଗ୍ୟ ବୋଲି ଧରାଯାଏ । କେତେ ଅନୁଷ୍ଠାନରେ ଭଲ ମଣିଷ ହେବାକୁ ହେଲେ, ଆତଙ୍କବାଦୀ ହେବା ଜରୁରୀ ବୋଲି, ସେଇ ପଦ୍ଧତି ଆପଣେଇବା, ଆଦୌ ନିଷ୍ଠୁରତା ନୁହେଁ ବୋଲି ଦାବୀ କଲେଣି । ଆହୁରି ଅନେକେ ସ୍ଥାନରେ ମାନସିକ ଅନଗ୍ରସର ପିଲାଙ୍କୁ ଅନ୍ତେବାସୀ ଭାବରେ ରଖି ଭଲ କରେଇବାକୁ ନିର୍ଘାତିଆ ମାଡ଼ ଦେଉଥିଲେ ବି ତାଙ୍କ ଅନ୍ତରରେ ଭଲପାଇବା ବହୁତ, ଯେହେତୁ ବିଜ୍ଞ ମାନଙ୍କ ଭିତରେ ନିଷ୍ଠୁରତାର ସ୍ଥାନ କୁଆଡେ ଆଦୌ ନ ଥାଏ । ଆଜିକାଲି ସ୍ୱାସ୍ଥ୍ୟ ବିଷୟରେ ଅଧିକ ସଚେତନଥିବା ବିଜ୍ଞଜନ ସପ୍ତାହରେ ଅଧିକଦିନ ନନ୍-ଭେଜ ବେଶି ପସନ୍ଦ କରନ୍ତି । କାରଣ ଏଥିପାଇଁ ନିରୀହ ପଶୁପକ୍ଷୀଙ୍କ ଜୀବନକୁ ନେଇ କାଟି ମାଂସ ଖାଇଲେ ବି ଜୀବେ ଦୟା ଜ୍ଞାନ ଏମାନଙ୍କ



ଭିତରେ ଯଥେଷ୍ଟ ଥାଏ । ଅଫିସିରେ ଉପର ଅଧିକାରୀ ମାନେ ହିଁ ଉଚ୍ଚ ଜ୍ଞାନର ଅଧିକାରୀ ଭାବରେ ତଳିଆଙ୍କୁ ଯେମିତି ବ୍ୟବହାର କଲେ କି ଯେମିତି ଖଟେଇଲେ କିମ୍ବା ମନଇଛା ଗାଳି କଲେବି ତାଙ୍କପ୍ରତି ଆନ୍ତରିକ ଭଲପାଇବା ଥିବାରୁ, ତାହା ନିଷ୍ଠୁର ଗୁଣରେ ଗଣାହେବା ଉଚିତ ନୁହେଁ । କିମ୍ବା ବାବୁମାନଙ୍କ ପାଇଁ ସାଧାରଣ ଜନତା ଯେତେ ହଇରାଣ ହରକତ ହେଲେ କିମ୍ବା ତାଙ୍କ କାମରେ ବିଳମ୍ବ ହେଲେବି, ତାହା ନିଷ୍ଠୁରତା ବୋଲି ଧରିବା ଭଲ ନୁହେଁ । ଯେହେତୁ ବାବୁମାନେ ସର୍ଭିସ ମାନେ ଜନସାଧାରଣ ସେବକ ବୋଲି ଚାକିରୀ କରିଥାନ୍ତି । କେଉଁଠି ଅଫିସର ବାଲି ମାଫିଆ କି ଖଣି ଚୋର ଅବା କେଉଁଠି ବାକିଆ ବିଜୁଳି ବିଲ ଆଦାୟ କରିବାକୁ ବା କାହାକୁ ଧରିବାକୁ ଯାଇ, ଯେବେ କାଠ ଫାଳିଆରେ ଭଲକି ଖାଆନ୍ତି କି ଗୁଳିଖାଇ ମରନ୍ତି, ତେବେ ଶିକ୍ଷିତ ସମାଜରେ ନିଷ୍ଠୁରତା ବୋଲି ଧରାଯିବା ଉଚିତ ନୁହେଁ । ଏହା ଜନ ସଚେତନତା ବୋଲି ଧରାଯିବା କଥା । ହେଲେ ମୋ ଭଳିଆ ମୁରୁଖ ବୁଝିପାରେନି ଯେ, ଯହୁଁ ଯହୁଁ ଶିକ୍ଷିତ ବଢୁଛନ୍ତି, ସେତେ ସେତେ ପୁରୁଷ ଫସୁଛନ୍ତି, ନାରୀ ଅତ୍ୟାଚାର , ଚୋରି, ଡକେଇତି, ଆତ୍ମ-ହତ୍ୟା, ନିଶା କାରବାର ଦିନକୁଦିନ ବଢୁଛି, ଲୋକେ ଦିନରେ ବେଶି ଅସୁରକ୍ଷିତ ମଣୁଛନ୍ତି ବୋଲି ଯେଉଁ କଥା ଆସୁଛି, ତାହା ସବୁବେଳେ ସତ ହୋଇ ନ ପାରେ ! ପ୍ରେମ ନାଁ ରେ ଜିଅନ୍ତା ଯୁଇରେ ଯୋଉମାନେ ଜଳୁଛନ୍ତି, ତାହା ବି ମିଛ ହୋଇପାରେ ! କାରଣ ଏତେବେଳକେ ଏଇଆ ବୁଝିଲି ଯେ, ବେଶି ମେଡ଼ିସିନ ଖାଇଲେ ସାଇଡ ଇଫେକ୍ଟ ହେଲା ଭଳିଆ ଅଧିକ ଶିକ୍ଷିତ ହେବାର ଏ ସବୁ ପାର୍ଶ୍ୱପ୍ରତିକ୍ରିୟା ହୋଇ ଥାଇପାରେ !

*-ମଙ୍ଗରାଜପୁର, ପୁରୀ*

*ମୋ:୭୦୦୮୧୮୮୮୪୭*

## ପୁସ୍ତକ ସମୀକ୍ଷା

### ମଝିକାନ୍ଥ

**ଗଳ୍ପ ସଂକଳନ : କଥାକାର : ଶିବାଶିଷ ପାଢ଼ୀ**
**ମୂଲ୍ୟ-୧୪୦**
**ପ୍ରକାଶନୀ ଶାନ୍ତିସେନା ପବ୍ଲିକେଶନ୍ସ**




ଶାନ୍ତିସେନା ପବ୍ଲିକେଶନ୍ସ ଦ୍ୱାରା ପ୍ରକାଶିତ ଶିବାଶିଷ ପାଢ଼ୀଙ୍କ ଗଳ୍ପ ସଂକଳନ ''ମଝିକାନ୍ଥ'' ଇତ୍ୟବସରରେ ପ୍ରକାଶ ପାଇ ପାଠକଙ୍କ ଶ୍ରଦ୍ଧା ସାଉଁଟି ପାରିଛି । ଦୈନନ୍ଦିନ ଜୀବନରେ ଘଟୁଥିବା ଘଟଣା, ସାମାଜିକ ଚଳଣି ଓ ପାରିବାରିକ ସୁଖଦୁଃଖକୁ ନେଇ ଗଢିଉଠିଛି ତାଙ୍କ ଗଳ୍ପ ସମୂହ । ସରଳ, ସୁଖପାଠ୍ୟ କରି ନିଜ କଥା ସାହିତ୍ୟରେ ଦକ୍ଷତା ଦେଖେଇ ପାରୁଥିବା ଶିବାଶିଷ ଉଭୟ ସାହିତ୍ୟ ଓ ଶିକ୍ଷାଦାନ କ୍ଷେତ୍ରରେ ସମନ୍ୱୟ ରଖି ''ମଝିକାନ୍ଥ'' ବ୍ୟତିରେକ ଆଉ ଚାରିଗୋଟି ଗଳ୍ପ ସଂକଳନ ରଚନା କରିଛନ୍ତି । ଏହି ସଂକଳନଟି ପାଠକଙ୍କୁ ନିଶ୍ଚୟ ଭଲ ଲାଗିବ ।

### ଅଣାକ୍ଷର କ୍ରିୟାଯୋଗ ସାଧନାର ସୂତ୍ର

**ସ୍ୱାମୀ ଆନନ୍ଦରାଜା**
**ପ୍ରକାଶକ- ଯୋଗାଚାର୍ଯ୍ୟ ସଦ୍ୱପତି ବାବା**
**ଅଣାକ୍ଷର କ୍ରିୟା ଯୋଗାଶ୍ରମ, ଜୟଦେବ ବିହାର**
**ଭୁବନେଶ୍ୱର-୧୩, ମୂଲ୍ୟ- ୨୯୯ଟଙ୍କା**

ପୁସ୍ତକରେ ୨୫ଟି ବିଷୟ ରହିଛି । ପ୍ରଥମରେ କୁଣ୍ଡଳିନୀ ସାଧନା ସୂତ୍ରଠାରୁ ଆରମ୍ଭ କରି ପ୍ରାନ୍ତ କଥନରେ ଶେଷ ହୋଇଛି । ପୁସ୍ତକରେ ବିଭିନ୍ନ ସାଧନା ବିଷୟରେ ମୁଖ୍ୟତଃ ବର୍ଣ୍ଣନା କରାଯାଇଛି । ଆମ ଶରୀରରେ ଅନେକଗୁଡ଼ିଏ କୋଷ ରହିଛନ୍ତି, ସେଗୁଡିକ ହେଲା, ପଞ୍ଚମନ- ଅମନ, ବିମନ, କୁମନ, ସୁମନ ଓ ମନ । ପଞ୍ଚପ୍ରାଣ- ପ୍ରାଣ, ଅପାନ, ସମାନ, ଉଦାନ ଓ ବ୍ୟାନ । ପଞ୍ଚ ଜ୍ଞାନେନ୍ଦ୍ରିୟ- ନେତ୍ର, ଶ୍ରୋତ୍ର, ଘ୍ରାଣ, ରସନା ଓ ତ୍ୱକ । ପଞ୍ଚକର୍ମେନ୍ଦ୍ରିୟ- ବାଣୀ, ହସ୍ତ, ପାଦ, ଉପସ୍ଥ ଓ ଗ୍ୟୁହ । ପଞ୍ଚମହାଭୂତ- ତେଜ୍, ବାୟୁ, ଆକାଶ, ପୃଥିବୀ ଓ ଜଳ । ବୃତ୍ତି- ପ୍ରାଣ, ବିପର୍ଯ୍ୟୟ, ବିକଳ୍ପ, ନିଦ୍ରା ଓ ସ୍ମୃତି । ଶରୀରରେ ୩ଟି ପୁର ରହିଛି । ସେହିଭଳି ଯୋଗୀ କିଏ ? ସତ୍ୟ କ'ଣ ? ସାଧନା କ'ଣ ? ଏଭଳି ବିଭିନ୍ନ ବିଷୟରେ ଏଥିରେ ଆଲୋଚନା କରାଯାଇଛି । ସାଧନା, ଅନୁଭବ ଏବଂ ଶାସ୍ତ୍ର ମତାନୁସାରେ ନବାଗତ ସାଧକମାନଙ୍କ ପାଇଁ ପୁସ୍ତକଟି ରଚନା କରାଯାଇଛି । ତାହା ନିଶ୍ଚୟ ସାଧୁସନ୍ଥ ଏବଂ ଯୋଗ ସାଧନାରେ ମନ ରଖୁଥିବା ଜିଜ୍ଞାସୁଙ୍କ ଲାଗି କାର୍ଯ୍ୟରେ ଆସିବ ।




### ଗଳ୍ପମାଳା

**ଶୈଳବାଳା ରାଉତ, ପ୍ରକାଶକ- ପଞ୍ଚିମା ପବ୍ଲିକେଶନ୍ସ**
**ନୟାପଲ୍ଲୀ, ଭୁବନେଶ୍ୱର, ମୂଲ୍ୟ- ୨୪୯ଟଙ୍କା ।**

ଶୈଳବାଳା ରାଉତଙ୍କ ଲିଖିତ ଗଳ୍ପମାଳା ଏକ ସୁନ୍ଦର ପୁସ୍ତକ । ଏଥିରେ ୨୩ ମନଛୁଆଁ ଗପ ରହିଛି । 'କଥା ଶୁଣୁଥା'ରୁ ଆରମ୍ଭ କରି 'ଅଶ୍ୱତ୍ଥାମା' ଯାଏ ତାଙ୍କ ଗଳ୍ପଗୁଡିକର ବିଷୟବସ୍ତୁ ବେଶ୍ ପରିବ୍ୟାପ୍ତ । ଗପଗୁଡିକ ଜୀବନଶ୍ରୟୀ ତଥା ଉଭୟ ଆନନ୍ଦ ଓ ଆଲୋକପ୍ରଦାନକାରୀ । ଅଧିକାଂଶ ଗଳ୍ପର ଆଭିମୁଖ୍ୟ ପିଲମାନଙ୍କ ଭିତରେ ଶିକ୍ଷାପ୍ରଦ ଭାବନା ସାଙ୍ଗକୁ ସାମାଜିକ ଅନ୍ତରଙ୍ଗତା ଭରିଦେବାର ପ୍ରୟାସ । କୁନା ଓ ଘରଚଟିଆ, ବୁଢ଼ୀର ଚିଠି, ପୁସ୍ତକ ରତ୍ନ, ବାସନ୍ତୀ ଓ ଝାଡୁବାଲି ଆଦି ଗଳ୍ପଗୁଡିକୁ ବେଶ୍ ସୁନ୍ଦର ଭାବରେ ଚିତ୍ରାୟିତ କରିବାକୁ ସକ୍ଷମ ହୋଇଛନ୍ତି । ଭାଷା ସହଜ ଓ ସରଳ । ପରିବେଷଣ ଶୈଳୀରେ ସାବଲୀଳତା ଅଧିକାଂଶ ଗଳ୍ପକୁ ସୁଖପାଠ୍ୟ କରିଛି । ପୁସ୍ତକଟି ପାଠକାଦୃତି ଲାଭ କରିବ ଏଥିରେ ସନ୍ଦେହ ନାହିଁ ।



ବ୍ୟାକ୍ ପେଜ୍

# ସବୁଠୁ ଛୋଟ କୁକୁର



ଅନେକେ କୁକୁରକୁ ପେଟ୍ ଭାବେ ରଖନ୍ତି। କୁକୁର ଏତେ ବିଶ୍ୱସ୍ତ ଓ ମଣିଷ ସହ ଏତେ ନିବିଡ଼ ସମ୍ବନ୍ଧ ଗଢ଼ନ୍ତି ଯେ, ପରିବାରର ସଦସ୍ୟ ପାଲଟି ଯାଆନ୍ତି। ମଣିଷ ଛୁଆ ଭଳି ସେ ବି କେତେ ଅଳି ଅଝଟ କରେ। ବାହାରକୁ ଗଲେ ସେ ବି ସାଥୀରେ ଯିବାକୁ ଅଳି କରେ। ହେଲେ ସବୁ ଜାଗାକୁ ତ ପେଟ୍ କୁକୁରଙ୍କୁ ନେଇ ଯିବା ସମ୍ଭବ ହୋଇ ନ ଥାଏ। ତେଣୁ ସେମାନଙ୍କୁ ଘରେ ରହିବାକୁ ହୁଏ। ହେଲେ ଏମିତି ବି ଏକ କୁକୁର ଅଛି ଯାହାକୁ ଆପଣ ଯେକୌଣସି ସ୍ଥାନକୁ ନେଇପାରିବେ। କାରଣ ଏହାର ଆକାର ଖୁବ୍ ଛୋଟ। ବ୍ୟାଗ ଭିତରେ, ଏମିତିକି ପୁରୁଷମାନେ ନିଜ ପକେଟ୍‌ରେ ରଖିକି ତାକୁ ନେଇପାରିବେ। ଉକ୍ତ କୁକୁରଟି ଚିହୁଆହୁଆ ପ୍ରଜାତିର କୁକୁର ଅଟେ। ନାଁ ହେଉଛି ପର୍ଲ। ଆମେରିକାରେ ରହୁଥିବା ଏହି କୁକୁରର ଉଚ୍ଚତା ମାତ୍ର ୯.୧୪ ସେ.ମି. ଓ ଲମ୍ବ ୧୨.୭ ସେ.ମି.। ଆଉ ଓଜନ ମାତ୍ର ୫୫୩ ଗ୍ରାମ। ଏହା ଟିଭି ରିମୋଟଠୁ ବି ଛୋଟ। ପର୍ଲର ମାଲିକ ଭେନେସା  ସେମଲର୍ କୁହନ୍ତି, 'ପର୍ଲ ଖୁବ୍ ଶାନ୍ତ ସ୍ୱଭାବର ଓ ଖୁବ ଭଲ କୁକୁର। ସେ ସମସ୍ତଙ୍କ ମନ ଖୁବ୍ ଶୀଘ୍ର ଜିଣିନିଏ। ପର୍ଲ ପାଇଁ ମୁଁ ବେଶ୍ ଗର୍ବିତ।'





# ଚକୋଲେଟ୍ ପିରାମିଡ୍

ପିରାମିଡ଼ ଭଳି ଦେଖିବାକୁ ଏହି ସ୍ଥାପତ୍ୟଟି ବେଶ୍ ମନଲୋଭା ଲାଗୁଥିବ। ଆଉ ଯେବେ ଏହାପଛର କଥା ଜାଣିବେ ଆଶ୍ଚର୍ଯ୍ୟ ବି ଲାଗିବ। କାରଣ ଉକ୍ତ ସ୍ଥାପତ୍ୟଟି ପଥର କି ସିମେଣ୍ଟ, ମାଟିରେ ତିଆରି ହୋଇ ନାହିଁ। ବରଂ ତିଆରି ହୋଇଛି ଚକୋଲେଟ୍‌ରେ। ଏହି ଚକୋଲେଟ୍ ସ୍ଥାପତ୍ୟଟି ମେକ୍ସିକୋସ୍ଥ ପ୍ରାଚୀନ ମାୟା ସଭ୍ୟତାର ମନ୍ଦିର 'ଦି କୁକୁଲାନ ପିରାମିଡ ଅଫ୍ ଚିଚେନ ଇଚ୍‌ଜା'ର ଅବିକଳ ନକଲ। ଯାହାର ଓଜନ ୧୮,୨୩୯ ପାଉଣ୍ଡ ଓ ଉଚ୍ଚତା ୬ ଫୁଟ। ଏହି ଚକୋଲେଟ୍ ପିରାମିଡଟି ମୁଖ୍ୟ ସ୍ଥାପତ୍ୟର ୩୦ ଭାଗର ଏକ ଭାଗ ଅଟେ। ଏହାକୁ ତିଆରି କରିବା ଲାଗି ୪୦୦ ଘଣ୍ଟା ସମୟ ଲାଗିଥିଲା। କ୍ୟୁଜିନା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚକୋଲେଟ୍ ଆଣ୍ଡ ପେଷ୍ଟ୍ରି  ଉକ୍ତ ସ୍ୱାଦିଷ୍ଟ ସ୍ଥାପତ୍ୟକୁ ତିଆରି କରିଛନ୍ତି। ଚକୋଲେଟ୍‌ରେ ମାୟା ମନ୍ଦିର କରିବାର ଉଦ୍ଦେଶ୍ୟ ହେଉଛି– ମାୟା ସଭ୍ୟତା ହିଁ ପ୍ରଥମ ସଭ୍ୟତା ଯେକି କାକାଓ ଗଛ ଚାଷ କରିବା ଆରମ୍ଭ କରିଥିଲା। ଆଉ କାକାଓ ବିନ୍‌ର ଉପକାରିତା ସମ୍ପର୍କରେ ଜାଣିଥିଲା। ମାୟା ସଭ୍ୟତାରେ କାକାଓ ଗଛକୁ ପୂଜା କରାଯାଉଥିଲା। ଆଉ ଏହାର ବିନ୍ ବା ମଞ୍ଜିକୁ ଈଶ୍ୱରଙ୍କ ଖାଦ୍ୟ ବୋଲି କୁହାଯାଉଥିଲା। ଏହି ଚକୋଲେଟ୍ ପିରାମିଡର ନିଖୁଣ କାରିଗରି ବେଶ୍ ଆକର୍ଷକ ଥିଲା। ଏହାବାଦ୍ ଚକୋଲେଟ୍‌ର ସବୁଠାରୁ ବଡ଼ ସ୍ଥାପତ୍ୟ ହୋଇଥିବାରୁ ଏହା ଗିନିଜ ୱାର୍ଲଡ ରେକର୍ଡସ୍‌ରେ ବି ସ୍ଥାନ ପାଇଲା।



# ଟଏଲେଟ୍ ସିଟ୍ ଭାଙ୍ଗି ରେକର୍ଡ



ରେକର୍ଡପ୍ରେମୀ ମଣିଷମାନେ ରେକର୍ଡ ପାଇଁ କିଛି ବି କରିବାକୁ ପ୍ରସ୍ତୁତ ଥାଆନ୍ତି। ସେଥିପାଇଁ ଯେତେ କଷ୍ଟ କରିବାକୁ ପଡୁ ପଛେ କରନ୍ତି ଓ ଯେତେ ଅଜବ ହେଲେ ବି କରନ୍ତି। ଏଇ ଯେମିତି ଜଣେ ବ୍ୟକ୍ତି ଟଏଲେଟ୍ ସିଟ୍‌କୁ  ମୁଣ୍ଡରେ ବାଡ଼େଇ ଭାଙ୍ଗି ରେକର୍ଡ କରିଛନ୍ତି। ଏହି ବ୍ୟକ୍ତିଜଣକ ହେଉଛନ୍ତି ଜର୍ମାନୀର କେଭିନ ଶେଲି। କେଭିନ ଜଣେ ଫିଟନେସ୍ ଇନଷ୍ଟ୍ରକ୍ଟର। ଆଉ ମେନ୍‌ସାର ମେମ୍ବର, ଯାହାଙ୍କ ଆଇକ୍ୟୁ ଲେଭଲ ୧୪୮। ସେ କିଛି ଭିନ୍ନ କରି ରେକର୍ଡ କରିବାକୁ ଚାହୁଁଥିଲେ। ତେଣୁ ଭାବିଲେ ଟଏଲେଟ୍ ସିଟ୍‌କୁ ମୁଣ୍ଡରେ ଭାଙ୍ଗି ରେକର୍ଡ କରିବେ। ଏଥିପାଇଁ ସେ କାଠର ଟଏଲେଟ୍ ସିଟ୍ ବାଛିଲେ। ବହୁଦିନ ଧରି ଅଭ୍ୟାସ କଲେ। ଏହି କଳାରେ ନିପୁଣ ହେବାପରେ ଯାଇ ରେକର୍ଡ କରିବାକୁ ପ୍ରୟାସ କଲେ। ଆଉ ଏକ ମିନିଟ୍‌ରେ ସର୍ବାଧିକ ୪୬ଟି ଟଏଲେଟ୍ ସିଟ୍ ଭାଙ୍ଗି ରେକର୍ଡ କଲେ। ଏଭଳି ଏକ ଅଜବ ରେକର୍ଡ ଦେଖି ସମସ୍ତେ ଚକିତ ହୋଇଗଲେ। କାଠର ଟଏଲେଟ୍ ସିଟ ଭାଙ୍ଗିଥିବାରୁ ତାଙ୍କ ମୁଣ୍ଡରେ କିଛିଟା ଆଘାତ ଲାଗିଲା। ତଥାପି ସେ ଅଟକି ନ ଥିଲେ। ଗୋଟେ ପରେ ଗୋଟେ ଟଏଲେଟ୍ ସିଟ୍ ମୁଣ୍ଡରେ ଭାଙ୍ଗିଲେ। କେଭିନ୍ ଜଣେ ଶିକ୍ଷକ। ତା'ସହ ସେ ମାର୍ଶଲ ଆର୍ଟର ତାଲିମ ବି ନେଇଛନ୍ତି। ତେଣୁ ତାଙ୍କର ଏଭଳି ଏକ ରେକର୍ଡ କରିବାର ଇଚ୍ଛା ହୋଇଥିଲା। ଆଉ କଠିନ ପରିଶ୍ରମ କରିବା ପରେ ସେ ଏଥିରେ ସଫଳ ବି ହେଲେ।